## କୃଷକ ସଚେତନତା କାର୍ଯ୍ୟକ୍ରମ

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଭାଲୁପାଲି ଗାଁରେ କୃଷକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ, ମୋବାଇଲ ୟୁନିଟର ଏଭିଏସ ଓ ରୋଡ ଏଲଆଇ ଯୋଗଦେଇଥିଲେ। ଗୃହପାଳିତ ପଶୁଙ୍କୁ ନିୟମିତ ଭାବେ ଟିକାକରଣ କରରିବା ଏବଂ କୃମି ଦମନ ଉପରେ ଗୁରୁତ୍ୱ ଦେବାକୁ ଚାଷୀଙ୍କୁ ପରାମର୍ଶ ଦେଇଥିଲେ । ଏହାବାଦ ପ୍ରାଣୀ ସମ୍ପଦ ବିଭାଗ ଅଧୀନ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ କୃଷକମାନଙ୍କୁ ବୁଝାଇଥିଲେ ।

## ସଂକ୍ଷେପରେ

### ସୁନ୍ଦରଗଡ଼ ସବୁଜ ବାହିନୀର ଜିଲାସ୍ତରୀୟ ପ୍ରକୃତି ପରିଦର୍ଶନ ଶିବିର




**ସୁନ୍ଦରଗଡ,୨୭।୩ (ଡି.ଏନ.ଏ.):** ସୁନ୍ଦରଗଡ଼ ବିଦ୍ୟାଳୟସ୍ତରୀୟ ସବୁଜ ବାହିନୀର ଜିଲାସ୍ତରୀୟ ପ୍ରକୃତି ପରିଦର୍ଶନ ଶିକ୍ଷା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ ପ୍ରକୃତି କୋଳରେ କିଛି ସମୟ କଟାଇ ପରିବେଶ ସୁରକ୍ଷା ପାଇଁ ପରାମର୍ଶ ଦେଇ ଏହାର ଶୁଭାରମ୍ଭ କରିଥିଲେ। ଜିଲା ବିଜ୍ଞାନ ନିରୀକ୍ଷକ ସୁରଜ ଚୌଧୁରୀଙ୍କ ଉପସ୍ଥିତିରେ ସୁନ୍ଦରଗଡ ଜିଲାର ବିଭିନ୍ନ ବିଦ୍ୟାଳୟର ୩୦ ଜଣ ସବୁଜ ବାହିନୀ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରି ଉଜ୍ଜ୍ୱଳପୁର ସେଣ୍ଟ୍ରାଲ ନର୍ସରୀର ଉତ୍ପାଦନ କେନ୍ଦ୍ର, ବେଲସରା ଶିବା ମନ୍ଦିର ସନ୍ନିକଟ ଆଖଡା ପାହାଡ ଜୈବବିବିଧତା ସହିତ ଲେଫ୍ରିପଡା ବ୍ଲକସ୍ଥିତ ସରଫଂଗଡ ପ୍ରାକୃତିକ କ୍ୟାମ୍ପକୁ ଯାଇଥିଲେ। ଜଙ୍ଗଲର ବିଭିନ୍ନ ପ୍ରକାର ଗଛଲତା, ପଶୁ, ପକ୍ଷୀ ତଥା ତାର ଜୈବ ବିବିଧତାକୁ ଅନୁଧାନ କରି ତତ୍ ସମ୍ପର୍କିତ ଏକ ସନ୍ଦର୍ଭ ପ୍ରସ୍ତୁତ କରି ଥିଲେ। ସୁନ୍ଦରଗଡ ଜିଲା ଶିକ୍ଷା ଅଧିକାରୀଙ୍କ ଏହି କାର୍ଯ୍ୟକ୍ରମକୁ ସୁନ୍ଦରଗଡ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେ ଉଚ୍ଚ ପ୍ରସଂଶା କରିବା ସହ ପିଲାଙ୍କୁ ଜଙ୍ଗଲର ମହତ୍ତ୍ୱ ଜଣାଇ ଶୁଭେଚ୍ଛା ପ୍ରଦାନ କରିଥିଲେ। ଜିଲା ଇକୋ କ୍ଲବର ମାଷ୍ଟର ଟ୍ରେନର ସୁଧାଂଶୁ ଶେଖର ଚୌଧୁରୀ, ପରିବେଶବିତ ଅଶୋକ କୁମାର ପରିଡା ସମେତ ଇକୋ କ୍ଲବ ଶିକ୍ଷକ ସେବକ କିଷାନ, ପ୍ରଭାତ କୁମାର ପ୍ରମୁଖ ସହଯୋଗ କରିଥିଲେ। ପରିବେଶବିତ ତଥା ରାଜ୍ୟ ମାଷ୍ଟର ଟ୍ରେନର ବିଭୀଷଣ ବାରିକ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

### ଲହୁଣୀପଡ଼ା ବ୍ଲକ ଦାୟିତ୍ୱ ଗ୍ରହଣ କଲେ ଅଧ୍ୟକ୍ଷ, ଉପାଧ୍ୟକ୍ଷ

**ଲହୁଣୀପଡ଼ା, ୨୭।୩(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକର ଅଧ୍ୟକ୍ଷ ଭାବେ ଶୁକମତୀ ମୁଣ୍ଡା ଓ ଉପାଧ୍ୟକ୍ଷ ଭାବେ ପଣ୍ଡିତ ଚରଣ ମୁଣ୍ଡା ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଜଣାପଡ଼ିଛି। ଲହୁଣୀପଡ଼ା ବ୍ଲକ ହଲଦୀକୁନ୍ଦର ପଞ୍ଚାୟତର ସମିତି ସଭ୍ୟା ଭାବେ ଶୁକମତୀ ନିର୍ବାଚିତ ହୋଇଥିବାବେଳେ ଗତ ୧୨ ତାରିଖ ଅଧ୍ୟକ୍ଷା ଭାବେ ନିର୍ବାଚିତ ହୋଇଥିଲେ। ତାଲବାହାଲି ପଞ୍ଚାୟତର ସମିତି ସଭ୍ୟ ଭାବେ ପଣ୍ଡିତ ଚରଣ ମୁଣ୍ଡା ନିର୍ବାଚିତ ହୋଇ ଗତ ୨୩ ତାରିଖ ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହେବାର ଗୌରବ ଅର୍ଜନ କରିଥିଲେ। ୨୦୧୭ ରୁ ୨୦୨୨ ମସିହା ପର୍ଯ୍ୟନ୍ତ ସେ ଏହି ବ୍ଲକରେ ଅଧ୍ୟକ୍ଷ ଭାବେ କାର୍ଯ୍ୟ ତୁଲାଇ ଆସୁଥିଲେ। ଅଧ୍ୟକ୍ଷ ଶୁକମତୀ ଓ ଉପାଧ୍ୟକ୍ଷ ପଣ୍ଡିତ ଚରଣ ଶୁକ୍ରବାର ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ବିଡ଼ିଓ ଧନାଇ ଚରଣ ଟୁଡୁ, ସହକାରୀ ଯନ୍ତ୍ରୀ ଦୁର୍ଯ୍ୟୋଧନ କିଷାନ, ଏବିଡ଼ିଓ ଭବାନୀ ଶଙ୍କର ପାଢ଼ୀ, ଜିପିଓ ସାରିଆ ଲାକ୍ରା ସମେତ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ କର୍ମଚାରୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

# ସ୍କୁଲରେ ଆକ୍ରମଣ, ଲୁଟ୍ ଘଟଣା: ଶିକ୍ଷୟିତ୍ରୀ ଭୟଭୀତ

**ସୁନ୍ଦରଗଡ,୨୭।୩ (ଡି.ଏନ୍.ଏ)**

ସୁନ୍ଦରଗଡ଼ ଜିଲା ରାସ୍ତାପାର୍ଶ୍ୱ ଓ ନିଛାଟିଆ ସ୍ଥାନରେ ଥିବା ସ୍କୁଲଗୁଡ଼ିକୁ ଏବେ ଟାର୍ଗେଟ କରୁଛନ୍ତି ଲୁଟେରା। ସଦର ବ୍ଲକ ଅନ୍ତର୍ଗତ କଇଁସରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗତ ୨୨ ତାରିଖ ମଧ୍ୟାହ୍ନରେ ୨ଜଣ ଦୁର୍ବୃତ୍ତ ପଶି କାର୍ଯ୍ୟରତ ୨ଜଣ ଶିକ୍ଷୟିତ୍ରୀଙ୍କୁ ମାରାଣାସ୍ତ୍ର ଦେଖାଇ ସୁନାହାର ଲୁଟି ନେଇଥିଲେ। ଘଟଣା ପରେ ସମ୍ପୃକ୍ତ ଲୁଟେରାଙ୍କୁ ଠାବ କରିବାରେ ପୋଲିସ ବର୍ତ୍ତମାନ ସୁଦ୍ଧା ସଫଳ ହୋଇପାରିନାହିଁ। ସୁନ୍ଦରଗଡ଼-ଝାରସୁଗୁଡା ବିଜୁ ଏକ୍ସପ୍ରେସ ୱେ ପାର୍ଶ୍ୱରେ ଥିବା ଏହି ବିଦ୍ୟାଳୟରୁ ବାରମ୍ବାର ଚୋରି ଓ ଲୁଟେରାମାନେ ଶିକ୍ଷୟିତ୍ରୀ ଓ ସାଧାରଣ ଲୋକଙ୍କ ଠାରୁ ଛିନ୍ତାଇ କରି ଫେରାର ହେବା ଘଟଣାକୁ ନେଇ ସେଠାରେ କାର୍ଯ୍ୟରତ ଶିକ୍ଷୟିତ୍ରୀମାନେ ଭୟଭୀତ ହୋଇ ପଡିଛନ୍ତି। ଲୁଟେରାଙ୍କ ଆକ୍ରମଣରେ ଜଣେ ଶିକ୍ଷୟିତ୍ରୀ ଆହତ ହୋଇଛନ୍ତି। ଆତଙ୍କିତ ଓ ଭୟଭୀତ ହୋଇପଡିଥିବା ଏହି ୨ ଶିକ୍ଷୟିତ୍ରୀ ବର୍ତ୍ତମାନ ବିଦ୍ୟାଳୟକୁ ଯିବାକୁ ସୁରକ୍ଷିତ ମନେକରୁନାହାନ୍ତି। ଘଟଣା ଘଟିବା ପରଠାରୁ ବିଦ୍ୟାଳୟରେ ପାଠପଢା ବନ୍ଦ ରହିଛି।

ପ୍ରକାଶ ଯେ,ଘଟଣା ଦିନ ଏହି ବିଦ୍ୟାଳୟରେ ପରିଚାଳନା ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ମିଟିଂର ମଧ୍ୟାହ୍ନ ବିରତି ସମୟରେ ସାଢେ ୧ଟା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମମତା ପଣ୍ଡା, ସହକାରୀ ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ପଟେଲ ଓ ବିଦ୍ୟାଳୟ ପରିଚାଳନା ସମିତିର ସଭାନେତ୍ରୀ ଏକ କୋଠରୀ ମଧ୍ୟରେ ବସିଥିଲେ। ସେହି ସମୟରେ ବିଦ୍ୟାଳୟର ପଛପଟୁ ୨ଜଣ ଦୁର୍ବୃତ୍ତ କୋଠରୀ ଭିତରକୁ ପ୍ରବେଶ କରିଥିଲେ। ସେମାନେ ହଠାତ୍ ଭୁଜାଲି ବାହାର କରି ମାରିବାକୁ ଉଦ୍ୟମ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ପଟେଲଙ୍କୁ ତଳେ ପକାଇ ତାଙ୍କ ବେକରେ ଭୁଜାଲି ଲଗାଇ ସୁନାହାର ଛିଣ୍ଡାଇ ନେଇଥିଲେ। ଏହି ସମୟରେ ସଭାପତି ଏବଂ ପ୍ରଧାନଶିକ୍ଷୟିତ୍ରୀ ଦୌଡି ଯାଇ ପାଟିକରି ଲୋକଙ୍କ ସହାୟତା ମାଗିବା ପାଇଁ ବାହାରକୁ ଯିବାକୁ ଉଦ୍ୟମ କରୁଥିବା ବେଳେ ଅନ୍ୟ ଦୁର୍ବୃତ୍ତ ଜଣକ ଆଉ ଗୋଟିଏ ଭୁଜାଲି ଦେଖାଇ ବାଧା ଦେବାରୁ ସେମାନେ ତଳେ ପଡ଼ିଯାଇଥିଲେ। ଏହାପରେ ପାଟିଶୁଣି ପାଖରେ ଥିବା କିଛି ଲୋକ ଆସିବା ପୂର୍ବରୁ ୨ଜଣ ଦୁର୍ବୃତ୍ତ ସୁନାହାର ଧରି ବାହାରକୁ ଯାଇ ବାଇକ୍‌ରେ ଦ୍ରୁତଗତିରେ ଫେରାର୍ ହୋଇଯାଇଥିଲେ। ଖବରପାଇ ଭଷ୍ମାଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଲୁଟେରାଙ୍କୁ ଧରିବା ପାଇଁ ତନାଘନା ଉଦ୍ୟମ ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା ଲୁଟେରାଙ୍କ ସମ୍ପର୍କରେ ସୁରାକ ମିଳିନାହିଁ। ପୋଲିସ ଭଷ୍ମା ଥାନା କେଶ ନଂ. ୭୯।୨୦୨୨ରେ ଏକ ମାମଲା ରୁଜୁ କରିଛି। ଅପରପକ୍ଷେ ପୂର୍ବରୁ ଏହି ବିଦ୍ୟାଳୟ ସମ୍ମୁଖରୁ ଜଣେ ଶିକ୍ଷୟିତ୍ରୀଙ୍କ ବେକରୁ ଏବଂ ଅନ୍ୟ ଜଣେ ମହିଳାଙ୍କ ବେକରୁ ଦୁର୍ବୃତ୍ତମାନଙ୍କ ଦ୍ୱାରା ସୁନାହାର ଲୁଟ ହେବା ସହିତ ଲକ୍‌ଡାଉନ ସମୟରେ ଓ ପରବର୍ତ୍ତୀ ସମୟରେ ବିଦ୍ୟାଳୟର ସାମଗ୍ରୀ ବାରମ୍ବାର ଚୋରି ହେଉଥିବା ନେଇ ଥାନାରେ ମଧ୍ୟ ରିପୋର୍ଟ ହୋଇଛି। ରାସ୍ତା ପାର୍ଶ୍ୱ ନିଛାଟିଆ ସ୍ଥାନରେ ଥିବା ଏହି ବିଦ୍ୟାଳୟକୁ ଦୁର୍ବୃତ୍ତ ଓ ଲୁଟେରାମାନେ ଟାର୍ଗେଟ କରିଏଭଳିଘଟଣା ଘଟାଉଥିବା ଅଭିଯୋଗ ହେଉଥିବାରୁ ପୋଲିସ ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ପେଟ୍ରୋଲପମ୍ପ ଡକାୟତି ଯୋଜନା କରୁଥିବା ୨ଗିରଫ



ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଏବଂ ଅନ୍ୟ ପୋଲିସ ସହିତ ଗିରଫ ଦୁଇ ଯୁବକ।

## ବନ୍ଧୁକ, ଗୁଳି ଜବତ

**ରାଜଗାଙ୍ଗପୁର, ୨୭।୩ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଲାଇଙ୍ଗ ନିକଟରେ ଥିବା ଏକ ପେଟ୍ରୋଲ ପମ୍ପରେ ଡକାୟତି ଯୋଜନା କରୁଥିବା ୨ ବନ୍ଧୁକଧାରୀ ଯୁବକଙ୍କୁ ରାଜଗାଙ୍ଗପୁର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ରାଜଗାଙ୍ଗପୁର ଥାନା କାଂଶବାହାଲ ଫାଣ୍ଡି ଅଧିନସ୍ଥ ମହୁଲଡିହି ଗ୍ରାମର ମହେସ ରାଜଗନ୍ଧା (୨୩) ଓ ଉଷ୍ଟ୍ରା ଅଞ୍ଚଳର ଭାଗେଷୱର ତେଜପାଲ (୨୮)। ସେମାନଙ୍କ ନିକଟରୁ ଏକ ଦେଶୀ ବନ୍ଧୁକ, ଏକ ଜୀବନ୍ତ ଗୁଳି ଓ ବାଇକ୍ ଜବତ କରାଯାଇଛି ବୋଲି ରାଜଗାଙ୍ଗପୁର ଏସ୍‌ଡିପିଓ ଡ. ଶଶାଙ୍କ ଶେଖର ବେହୁରା ରବିବାର ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ସେ କହିଥିଲେ ଯେ, ୨୬ ତାରିଖ ସନ୍ଧ୍ୟାରେ ୨ଜଣ ଯୁବକ ଏକ ମୋଟର ସାଇକେଲ ନଂ. ଓଡ଼ି ୧୪ଏସ୍ ୯୨୬୪ ଯୋଗେ ଲାଇଙ୍ଗ ଛକରେ ପହଞ୍ଚି ଅନ୍ୟ ଜଣେ ସାଥୀଙ୍କୁ ଅପେକ୍ଷା କରିଥିଲେ। ରାଜଗାଙ୍ଗପୁର ଓ କାଂଶବାହାଲ ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ସେମାନଙ୍କୁ କାବୁ କରିଥିଲେ। ସେମାନେ ଲାଇଙ୍ଗ ପେଟ୍ରୋଲ ପମ୍ପରେ ଡକାୟତି ଯୋଜନା ପ୍ରସ୍ତୁତ କରୁଥିଲେ। ଶନିବାର ରାତିରେ ଏହି ଡକାୟତି ପାଇଁ ପ୍ରସ୍ତୁତି ଚାଲିଥିଲା ବୋଲି ସ୍ୱୀକାର କରିଛନ୍ତି। ପୋଲିସ ଦୁଇ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ଆଉ ଜଣେ ସହଯୋଗୀଙ୍କୁ ଗିରଫ କରିବା ପାଇଁ ତନାଘନା ଜାରି ରହିଛି। ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓଙ୍କ ସହ ରାଜଗାଙ୍ଗପୁର ଥାନା ଅଧିକାରୀ ବିଭସ ପ୍ରଧାନଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପୌର ନିର୍ବାଚନରେ ବିଜୟପରେ ଭୋଟରଙ୍କୁ ବିଜେଡିର କୃତଜ୍ଞତା




ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିବା ଦଳୀୟ ନେତା ଓ ଜନପ୍ରତିନିଧି।

**ଝାରସୁଗୁଡା ଅଫିସ୍,୨୭।୩**

ଝାରସୁଗୁଡା ଜିଲାର ୩ ପୌର ପରିଷଦ ମଧ୍ୟରୁ ଝାରସୁଗୁଡା ଓ ବ୍ରଜରାଜନଗର ପୌରାଧ୍ୟକ୍ଷ ଓ ଅଧିକାଂଶ କାଉନସିଲର ପଦବୀ ବିଜେଡି ହାତେଇଛି। ଏହି ଅବସରରେ ଜିଲା ବିଜେଡି ତରଫରୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସଙ୍କ ଅଧ୍ୟକ୍ଷତାରେ ରବିବାର ସହରର ଏକ ହୋଟେଲରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ, ଦଳୀୟ ଜିଲା ଉପପର୍ଯ୍ୟବେକ୍ଷକ ବିଷ୍ଣୁ ପ୍ରସାଦ କେଡିଆ, ଜିଲା ସାଧାରଣ ସମ୍ପାଦକ ବିଶ୍ୱନାଥ ନାୟକ, ନବନିର୍ବାଚିତ ଝାରସୁଗୁଡା ପୌରାଧ୍ୟକ୍ଷା ରାନୀ ହାତୀ, ବ୍ରଜରାଜନଗର ପୌରାଧ୍ୟକ୍ଷା ଯାଜ୍ଞାସେନୀ ଓରାମ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ କହିଥିଲେ ୩ପୌର ପରିଷଦରୁ ୨ରେ ବିଜେଡି ପୌରାଧ୍ୟକ୍ଷା ପ୍ରାର୍ଥିନୀ ବିଜୟୀ ହୋଇଛନ୍ତି। ଗୋଟିଏ ପୌର ପରିଷଦରେ ଦଳ ପରାଜୟ ବରଣ କରିଛି। ଏହିସବୁ ପୌର ପରିଷଦରେ ଅଧିକାଂଶ ଦଳୀୟ କାଉନ୍‌ସିଲର ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଏଥିପାଇଁ ସମସ୍ତ ପୌର ପରିଷଦର ଭୋଟରଙ୍କୁ କୃତଜ୍ଞତା ଜଣାଇବା ସହ ପରାଜୟକୁ ସେ ସ୍ୱୀକାର କରିଛନ୍ତି। ବିଗତ ନିର୍ବାଚନକୁ ଦେଖିଲେ ଚଳିତ ପୌର ନିର୍ବାଚନରେ ଦଳର ସ୍ଥିତିରେ ଅଗ୍ରଗତି ହୋଇଛି। ଏଠାରେ ଦଳର ପରାଜୟକୁ ନେଇ କଣ ଭୂଲତ୍ରୁଟି ରହିଛି ଆଗାମୀ ଦିନରେ କର୍ମୀମାନଙ୍କୁ ନେଇ ତର୍ଜମା କରାଯାଇ ଏହାର ସମାଧାନ କରାଯିବ ବୋଲି ମନ୍ତ୍ରୀ ଦାସ କହିଛନ୍ତି। ଏହା ସହିତ ଅଞ୍ଚଳର ସମସ୍ୟା ସମାଧାନ ଦିଗରେ ଦଳ ଅଧିକ ଗୁରୁତ ଦେବ । ଝାରସୁଗୁଡ଼ା ଜିଲାକୁ ଏକ ସ୍ୱତନ୍ତ୍ର ଆଦର୍ଶ ଜିଲାରେ ଗଢିଲୋଳିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିବାବେଳେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସବୁପ୍ରକାର ପଦକ୍ଷେପ ଗ୍ରହଣ କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଦାସ କହିଛନ୍ତି।

## ବ୍ରଜରାଜନଗର ପୌରାଞ୍ଚଳରେ ବିଜେଡିର ଶୋଭାଯାତ୍ରା

**ବ୍ରଜରାଜନଗର, ୨୭।୩ (ଡି.ଏନ୍.ଏ.)**

ବ୍ରଜରାଜନଗର ପୌରାଞ୍ଚଳରେ ଚଳିତ ବର୍ଷ ନିର୍ବାଚନରେ ବିପୁଳ ବିଜୟ ଲାଭ କରିଛନ୍ତି ବିଜେଡ଼ି ଅଧ୍ୟକ୍ଷା ପ୍ରାର୍ଥିନୀ ଯାଜ୍ଞସେନୀ ଓରାମ। ଭାଜପା ପ୍ରାର୍ଥିନୀଙ୍କୁ ଭାରି ମାତ୍ରାରେ ହରାଇଥିଲେ। ସେହିପରି ମୋଟ ୨୩ଆସନରୁ ବିଜେଡି ୨୦ଟି ଆସନରେ ବିଜୟ ଲାଭ କରିଛି। ରବିବାର ବିଜେଡି ନଗର ସଭାପତି ରାଧାକାନ୍ତ ପ୍ରଧାନଙ୍କ ନେତୃତ୍ୱରେ ଏକ ବିରାଟ ଶୋଭାଯାତ୍ରା ବାହାରି ଥିଲା। ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଅତିଥି ଭାବରେ ଯୋଗଦେଇଥିଲେ। ସହରର ମୁଖ୍ୟ ଦ୍ୱାର ଗାନ୍ଧୀଛକ ଠାରୁ ସଭାପତିଙ୍କ ନେତୃତ୍ୱରେ ଏକ ବାଇକ୍ ରାଲି କରାଯାଇଥିଲା। ଲମଟିବାହଲ ଦେଇ କଲ୍ୟାଣମଣ୍ଡପ ଠାରେ ପହଞ୍ଚିଥିଲା। ମନ୍ତ୍ରୀ ବିଜୟୀ ଅଧ୍ୟକ୍ଷା ଯାଜ୍ଞସେନୀ ଓରାମଙ୍କୁ ସାଥିରେ ଧରି ଖୋଲା ଗାଡ଼ିରେ ସହର ପରିକ୍ରମା କରାଇଥିଲେ। ଶୋଭାଯାତ୍ରାରେ ବିଜୁ ଜନତା ଦଳର ଜିଲା ପଦାଧିକାରୀମାନଙ୍କ ମଧ୍ୟରେ ବିଶ୍ୱନାଥ ନାୟକ, ବିଷ୍ଣୁପ୍ରସାଦ କେଡିଆ, ଜୟନ୍ତ ଦୀକ୍ଷିତ, ନାରୀନେତ୍ରୀ ସାଧନା ସାମନ୍ତରାୟ, ସଙ୍ଗୀତା ସୁନା, ମିକି ନୟକ, ପ୍ରମିଳା ଚୌଧୁରୀ, ନଳିନୀପ୍ରଭା ପ୍ରଧାନ ପ୍ରମୁଖ ସାମିଲ ଥିଲେ। ରାଧାକାନ୍ତ ପ୍ରଧାନଙ୍କ ନେତୃତ୍ୱରେ ଶୋଭାଯାତ୍ରା ହୋଇଥିଲା।

# ରାଜଗାଙ୍ଗପୁର ଉତ୍କଳ ସମ୍ମିଳନୀର ନିର୍ବାଚନ

## ପଦ୍ମନାଭ ସାମଲ ସଭାପତି

**ରାଜଗାଙ୍ଗପୁର, ୨୭।୩ (ଡି.ଏନ୍.ଏ.)**

ରାଜଗାଙ୍ଗପୁର ଉତ୍କଳ ସମ୍ମିଳନୀ ଶାଖାର ନିର୍ବାଚନ ରବିବାର ଲିପଲୋଇ ସମଲେଶ୍ୱରୀ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ରାଉରକେଲା ଉତ୍କଳସମ୍ମିଳନୀ ଶାଖାର ସଭାପତି ସୁଦାମ ଦାସ, ସମ୍ପାଦକ ଅକ୍ଷୟ କୁମାର ଦାସ, ରାଜଗାଙ୍ଗପୁର ଉତ୍କଳ ସମ୍ମିଳନୀର ସଭାପତି ଲବେନ୍ଦ୍ର ବେହେରା, ପ୍ରଫୁଲ୍ଲ ଉପାଧ୍ୟାୟ ଓ ନିର୍ବାଚନ ଅଧିକାରୀ ଭାବେ ଆଇନଜୀବୀ ଅଶୋକ ପାଣି ଯୋଗଦେଇଥିଲେ। ଦ୍ୱୀପ ପ୍ରଜ୍ଜଳିତ କରି ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ନିର୍ବାଚନରେ ସର୍ବସମ୍ମତିକ୍ରମେ ରାଜଗାଙ୍ଗପୁରର ପଦ୍ମନାଭ ସାମଲ ସଭାପତି, ସୁରେଶ କୁମାର ବାରିକ ଓ ଭାରତୀ ସାମଲ ପଡିଆରି ଉପସଭାପତି, ନିତ୍ୟାନନ୍ଦ ବେହେରା ସାଧାରଣ ସମ୍ପାଦକ, ନିଶିକାନ୍ତ ମିଶ୍ର, ଗୌତମ ମହାରଥୀ ଓ ଅମ୍ବିକା ମହାନ୍ତି ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଏହା ସଙ୍ଗେ ସଙ୍ଗେ ପରିଷଦର ସଦସ୍ୟ ଭାବେ ୧୦ ଜଣ, କାର୍ଯ୍ୟକାରୀ ସଦସ୍ୟ ଭାବେ ୧୫ ଜଣ ଓ ଉପଦେଷ୍ଟା ରୂପେ ୫ ଜଣଙ୍କୁ ମନୋନୟନ କରାଯାଇଛି।



ଦୀପ ପ୍ରଜ୍ଜ୍ୱଳିତ କରି କାର୍ଯ୍ୟକ୍ରମ ଆରମ୍ଭ କରାଯାଉଛି।

# ଚିତ୍ରାଙ୍କନ ପ୍ରତିଯୋଗିତା: ସୁନ୍ଦରଗଡ଼ ବହିପଢ଼ ଅଭିଯାନ

**ବଣାଇଁ, ୨୭।୩ (ଡି.ଏନ.ଏ.)**




କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ସୁନ୍ଦରଗଡ଼ ଜିଲାରେ ଛାତ୍ରୀଛାତ୍ର, ବିଭିନ୍ନ ବର୍ଗର ବ୍ୟକ୍ତିଙ୍କ ମଧ୍ୟରେ ବହି ପଢା ପ୍ରତି ଆଗ୍ରହ ସୃଷ୍ଟି କରିବା ଲାଗି ସୁନ୍ଦରଗଡ଼ ବହିପଢ଼ ଅଭିଯାନ ଚାଲିଛି। ଏହା ଅଧୀନରେ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ରବିବାର ବଣାଇଁ ପାଠାଗାରଠାରେ ଚିତ୍ରାଙ୍କନ ଉପରେ କର୍ମଶାଳା, ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କଳାକାର ରକ୍ମଣୀ ବଲ୍ଲଭ ପ୍ରଧାନ ଯୋଗଦେଇ ଚିତ୍ରାଙ୍କନର ବିଭିନ୍ନ ଶୈଳୀ ବିଷୟରେ କହିଥିଲେ। ଏହି ଅବସରରେ ବଣାଇଁ ଅଞ୍ଚଳର ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ବଣାଇ ଉପଜିଲାପାଳ ପ୍ରଦୀପ କୁମାର ଡାଙ୍ଗ ଏଥିରେ ଯୋଗଦେଇ ପ୍ରତିଯୋଗିତାରେ ଭାଗନେଇଥିବା ପିଲାମାନଙ୍କୁ ବହିପଢା ପ୍ରତି ମନ ବଳାଇବା ନିମନ୍ତେ ପରାମର୍ଶ ଦେବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସୁନ୍ଦରଗଡ଼ ଜିଲା ପ୍ରଶାସନ ତରଫରୁ ଆରମ୍ଭ ହୋଇଥିବା 'ସୁନ୍ଦରଗଡ଼ ବହି ପଢ ଅଭିଯାନକୁ ବଣାଇରେ କିପରି ଆହୁରି ବ୍ୟାପକ କରାଯାଇପାରିବ ସେ ସମ୍ପର୍କରେ ଉପଜିଲାପାଳ ଉପସ୍ଥିତ ଅଭିଭାବକମାନଙ୍କ ସହ ଆଲୋଚନା କରିଥିଲେ। ଚିତ୍ରାଙ୍କନ ଚାଲୁଥିବା ସମୟରେ ଉପସ୍ଥିତ ଶିକ୍ଷୟିତ୍ରୀ, ଶିକ୍ଷକ, ଅଭିଭାବକମାନେ ପାଠାଗାରର ରିଡିଙ୍ଗ ରୁମରେ ବସି ବିଭିନ୍ନ ବହି ପଢିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ବଣାଇ ଏବିଇଓ ସଦାନନ୍ଦ ମହାନ୍ତ, ସିଆରସିସି ଅନ୍ତର୍ଯାମୀ ରଣା, ପିଇଓ ଥବୀର ମାଝି ଏବଂ ବଣାଇ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କା ପ୍ରମୁଖ ଉପସ୍ଥିତ ଥିଲେ। ସୁନ୍ଦରଗଡ଼ ଜିଲା ପ୍ରଶାସନ ତରଫରୁ ବହିପଢ଼ ଅଭିଯାନକୁ ବ୍ୟାପକ କରିବା ପାଇଁ ପାଠାଗାର ନିର୍ମାଣ ସହିତ ବିଭିନ୍ନ ପ୍ରକାରର ବହି ଯୋଗାଇ ଦିଆଯାଉଛି।

# ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ସବ୍‌ଡେଗା, ୨୭।୩ (ଡି.ଏନ.ଏ.)**

ସବ୍‌ଡେଗା ଆଞ୍ଚଳିକ ସହଯୋଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ହିମାଂଶୁ ଭୈଷାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ଅତିଥି ଭାବେ ସବଡେଗା ବିଡ଼ିଓ ନାରାୟଣୀ ପଣ୍ଡା ଯୋଗଦେଇ ଛାତ୍ରୀ ଆତ୍ମରକ୍ଷା କୌଶଳ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଶିବିର ଆଠ ଦିନ ପର୍ଯ୍ୟନ୍ତ ଚାଲିବ। ପ୍ରଶିକ୍ଷିକା ଭାବେ ରୁକ୍ମଣୀ ଡିଗାଙ୍କୁ ଦାୟିତ୍ୱ ଦିଆଯାଇଛି। ଅଧାପିକା ମମତା ପଟେଲଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି ଶିବିରରେ ମୋଟ ୧୮୫ ଜଣ ଛାତ୍ରୀ ଯୋଗଦେଇଛନ୍ତି।

# ଧର୍ମଘଟ ସଫଳ କରିବା ପାଇଁ ସିପିଆଇଏମ୍‌ର ଆହ୍ୱାନ

**ଲହୁଣୀପଡ଼ା,୨୭।୩ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଛକସ୍ଥିତ ସିପିଆଇଏମ୍ କାର୍ଯ୍ୟାଳୟଠାରେ ରବିବାର ଲହୁଣୀପଡ଼ା ଆଞ୍ଚଳିକ କମିଟି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଆଞ୍ଚଳିକ କମିଟି ସମ୍ପାଦକ ଲାଲ ବାହାଦୁର ମାହାନ୍ତ ଅଧ୍ୟକ୍ଷତା କରିଥିବା ବେଳେ ସିପିଆଇଏମ୍ ଜିଲା ସମ୍ପାଦକ ପ୍ରମୋଦ କୁମାର ସାମଲ ଯୋଗଦେଇଥିଲେ। ସର୍ବଭାରତୀୟ ଟ୍ରେଡ଼ ୟୁନିୟନର ଆହ୍ୱାନ କ୍ରମେ ଆଗାମୀ ୨୮-୨୯ ଦୁଇଦିନ ବ୍ୟାପି ହେବାକୁ ଥିବା ଦେଶ ବ୍ୟାପି ସାଧାରଣ ଧର୍ମଘଟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରସ୍ତୁତି ବୈଠକର ନିଷ୍ପତ୍ତି କ୍ରମେ ଲହୁଣୀପଡ଼ା ବ୍ଲକ ଛକ, ଖୁଣ୍ଟଗାଁ ଓ ବରସୁଆଁଠାରେ ରାସ୍ତା ଅବରୋଧ କରାଯିବ।

ବିଭିନ୍ନ ପ୍ରକାର ଦାବିକୁ ପୂରଣ କରିବା ଲାଗି ସର୍ବସାଧାରଣ ଧର୍ମଘଟକୁ ସଫଳ କରିବା ପାଇଁ ନିଜ ଅଞ୍ଚଳର କର୍ମୀ ଓ କର୍ମକର୍ତ୍ତାମାନଙ୍କୁ ଆହ୍ୱାନ ଦେଇଥିଲେ। ଏହା ସୋମବାର ସକାଳ ଛଅରୁ ଆରମ୍ଭ କରାଯିବ ବୋଲି ସୂଚନା ଦେଇଥିଲେ। ଏହି ପ୍ରସ୍ତୁତି ବୈଠକରେ ଡିଲେଶ୍ୱର ବେହେରା, ଦୁର୍ଯ୍ୟୋଧନ ମାହାନ୍ତ, ବାବୁରାମ ମାହାନ୍ତ, ପ୍ରଦୀପ ବେହେରା, ବିନୋଦ ମାହାନ୍ତ, ଚଳତ ପଣ୍ଡା,ଗୋବର୍ଦ୍ଧନ କିଷାନ ପ୍ରମୁଖ ଉପସ୍ଥିତ ଥିଲେ। ଉପସ୍ଥିତ କର୍ମୀ ଓ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ କାର୍ଯ୍ୟାଳୟ ସମ୍ମୁଖରେ ଦଳୀୟ ପତାକାକୁ ଧରି ସଂକଳ୍ପ ନେଇଥିଲେ ବୋଲି ଜଣା ପଡ଼ିଛି।




ସିପିଆଇଏମ୍ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଦଳୀୟ ପତାକା ଧରି ସଂକଳ୍ପ ନେଉଛନ୍ତି।

# କୁଆଁରମୁଣ୍ଡା ସୁପର କିଙ୍ଗ୍ ଚାମ୍ପିୟନ

**କୁଆଁରମୁଣ୍ଡା,୨୭।୩ (ଡି.ଏନ୍.ଏ.)**

ଗତ ୨୦ ତାରିଖରୁ କୁଆଁରମୁଣ୍ଡା ଭାଟିଟୋଲି ଖେଳ ପଡ଼ିଆରେ ଚାଲିଥିବା କୁଆଁରମୁଣ୍ଡା ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟ ସିଜିନ୍-୧ର ରବିବାର ଥିଲା ଅନ୍ତିମ ଦିବସ। ଏହି ଦିବସରେ କୁଆଁରମୁଣ୍ଡା ସୁପରକିଙ୍ଗ ଟିମ୍ ଓ ଇଭେର-୧୧ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଟସ୍ ଜିଣି ପ୍ରଥମେ ସୁପର କିଙ୍ଗ ଟିମ୍ ବ୍ୟାଟିଂ ଆରମ୍ଭ କରିଥିଲେ। ନିର୍ଦ୍ଧାରିତ ୧୫ଓଭରରେ ୬ ଉଇକେଟ୍ ହରାଇ ୧୨୭ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ଇଭେର-୧୧ ଟିମ୍ ୧ମ ୨ଟି ଓଭର ବେଶ୍ ଭଲ ପ୍ରଦର୍ଶନ କରି ବିଜୟ ଲକ୍ଷ୍ୟ ହାସଲ କରିବାକୁ ଚେଷ୍ଟା ଜାରି ରଖିଥିଲେ। ହେଲେ ୪ର୍ଥ ଓଭର ବେଳକୁ ସୁପରକିଙ୍ଗର ବୋଲିଂର ସମ୍ମୁଖୀନ ହୋଇପାରି ନ ଥିଲା ଇଭେର-୧୧ ଟିମ୍। ଫଳରେ ମାତ୍ର ୧୨ ଓଭର ୩ଟି ବଲ୍‌ରେ ସମସ୍ତ ଉଇକେଟ୍‌ର ପତନ ଘଟି ୭୮ ରନ୍ ସଂଗ୍ରହ କରିଥିଲା ଇଭେର-୧୧ ଟିମ୍।



କୁଆଁରମୁଣ୍ଡା ପ୍ରିମିୟର ଲିଗ୍‌ର ଫାଇନାଲ ମ୍ୟାଚରେ ଉପସ୍ଥିତ ଅତିଥିମାନେ।

## କେପିଏଲ୍ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଯାପିତ

ଏହା ପରେ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ କୁଆଁରମୁଣ୍ଡା ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର ଯୋଗଦେଇ କ୍ରୀଡା ପ୍ରତିଯୋଗିତା ଆୟୋଜନ ହେବା ଦ୍ୱାରା କ୍ରୀଡାବିତ୍‌ମାନଙ୍କ ମଧ୍ୟରେ ଭାଇଚାରା ସହ ସମ୍ପର୍କ ବୃଦ୍ଧି ପାଇଥାଏ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ କୁଆଁରମୁଣ୍ଡା ସରପଞ୍ଚ ରାଜେଶ ହାଁସଦା, ରାଜେଶ କେର୍କେଟା, କୁଆଁରମୁଣ୍ଡାର ପୂର୍ବତନ ସରପଞ୍ଚ ସୁଷମାକାନ୍ତି କିଣ୍ଡୋ,ପଦମପୁର ସରପଞ୍ଚ ଦିଲ୍ଲୀପ ଏକ୍କା ପ୍ରମୁଖ ଉପସ୍ଥିତ ରହି ବିଜୟୀ ଘୋଷିତ କୁଆଁରମୁଣ୍ଡା ସୁପରକିଙ୍ଗ ଟିମ୍‌କୁ ଟ୍ରଫି ଓ ପୁରସ୍କାର ରାଶି ଏବଂ ରନର୍ସ ଅପ୍ ଘୋଷିତ ଇଭେର-୧୧ଟିମ୍‌କୁ ରନର୍ସ ଅପ୍ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାକୁ କୁଆଁରମୁଣ୍ଡା ପ୍ରିମିୟର ଲିଗ୍ ପକ୍ଷରୁ ମହମ୍ମଦ ଖାନ୍, ସୋନବିର ପଣ୍ଡିତ, ରାହୁଲ ମହାନ୍ତି ଓ ଅନ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଖାଦାନରେ ବୁଡ଼ି ମହିଳା ମୃତ

ରାଉରକେଲା ଅଫିସ: ରାଉରକେଲା ଜଲଦା ଫାଣ୍ଡି ଅଧୀନ ଦେଓଗାଁ ଅଞ୍ଚଳର ଏକ ଖାଦାନରେ ବୁଡିଯିବାରୁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତା ମହିଳା ହେଲେ ବାନ୍ଦରୀ ଲୋହାର(୪୫)। ବାନ୍ଦରୀ ରବିବାର ଦିନ ସାଢ଼େ ୧୨ଟା ସମୟରେ ଘର ପାଖରେ ଥିବା ଖାଦାନକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ଗୋଡ ଖସିଯିବାରୁ ମହିଳା ଜଣଙ୍କ ପାଣିରେ ବୁଡିଯାଇଥିଲେ। ଖବର ପାଇ ପୋଲିସ ଓ ଅଗ୍ନିଶମ କର୍ମଚାରୀ ସେଠାରେ ପହଞ୍ଚି ମହିଳାଙ୍କ ମୃତଦେହକୁ ଖାଦାନରୁ ଉଦ୍ଧାର କରିଥିଲେ।

## ସଂକ୍ଷେପରେ

### ଯୋଡ଼ା ଶିଶୁ କନ୍ୟାଙ୍କ ମୃତ୍ୟୁ



ସମ୍ବଲପୁର ଜିଲା ସଦର ଡାକ୍ତରଖାନାରେ ଶନିବାର ବିଳମ୍ବିତ ରାତ୍ରିରେ ଜନ୍ମିତ ଯୋଡା ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଛି।

**ସମ୍ବଲପୁର,୨୭।୩ (ବ୍ୟୁରୋ):** ସମ୍ବଲପୁର ଜିଲା ସଦର ଡାକ୍ତରଖାନାରେ ଶନିବାର ବିଳମ୍ବିତ ରାତ୍ରିରେ ଜନ୍ମିତ ଯୋଡା ଶିଶୁକନ୍ୟାଙ୍କ ରବିବାର ଅପରାହ୍ନ ପ୍ରାୟ ୨ଟାରେ ମୃତ୍ୟୁ ଘଟିଛି। ଶିଶୁ ବିଶେଷଜ୍ଞ ଡା. ବିଜୟ କୁମାର ପଣ୍ଡା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଜନ୍ମ ହେବା ପରେ ଶିଶୁ କନ୍ୟାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ରହିଥିଲା। ସମୟ ପୂର୍ବରୁ ଜନ୍ମ ହୋଇଥିଲା। ଓଜନ ଓ ଆକାରରେ ମଧ ବୃଦ୍ଧି ହୋଇ ନ ଥିଲା। ଆବଶ୍ୟକ ଚିକିତ୍ସା କରାଯାଇଥିଲା। ହେଲେ ଶିଶୁ କନ୍ୟାଙ୍କ ମୃତ୍ୟୁ ହୋଇଥିଲା। ଜନ୍ମର ପ୍ରାୟ ୧୦ରୁ ୧୨ ଘଣ୍ଟା ପରେ ଶିଶୁ ମୃତ୍ୟୁବରଣ କରିଥିବା ଜାଣିବାକୁ ମିଳିଛି। ସୂଚନାଯୋଗ୍ୟ ଯେ, ରେଙ୍ଗାଲି ବ୍ଲକ ପଡ଼ା ବାସିନ୍ଦା ବିପିନ ସାହାଣୀଙ୍କ ସ୍ତ୍ରୀ ରବିନା ଦେବୀ ଏହି ଶିଶୁ କନ୍ୟା ଜନ୍ମ କରିଥିଲେ। ଦୁଇ ଶିଶୁକନ୍ୟାଙ୍କ ମୁଣ୍ଡ ଅଲଗା ଅଲଗା ଥିବା ବେଳେ ପେଟ ଓ ଛାତି ଯୋଡ଼ି ହୋଇ ରହିଥିଲା। ରବିନାଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ୍‌ଠାକ୍ ରହିଥିବା ଜଣାପଡ଼ିଛି।

### ୧୧୦ କେଜି ଗଞ୍ଜେଇ ଜବତ



ପୋଲିସ କଦମମାଲରୁ ଜବତ କରିଥିବା ଗାଡି ସହ ଗଞ୍ଜେଇ।

**ସମ୍ବଲପୁର,୨୭।୩ (ବ୍ୟୁରୋ):** ସମ୍ବଲପୁର ଜିଲା କ୍ଷେଜରାଜପୁର ଥାନା ପୋଲିସ କଦମମାଲରେ ଛିଡା ହୋଇଥିବା ଏକ ପିକଅପ୍ ଗାଡିରୁ ୧୧୦ କେଜି ଗଞ୍ଜେଇ ଜବତ କରିଛି। ହେଲେ ପିକଅପ୍ କାହାର ଓ ଏତେ ପରିମାଣର ଗଞ୍ଜେଇ ନେଇ କେଉଁଠିକୁ ଯାଉଥିଲା ଏନେଇ ସ୍ପଷ୍ଟ ହୋଇପାରି ନ ଥିବା ଥାନା ଅଧିକାରିଣୀ ମମତା ନାୟକ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, କଦମମାଲରେ ଏହି ଗାଡି ଛିଡା ହୋଇଥିଲା। ପୋଲିସ ଟିମ୍ ପାଟ୍ରୋଲିଂ କରୁଥିବା ସମୟରେ ସନ୍ଦେହ କରିଥିଲା। ପିକଅପ୍ ପାଖରେ କୌଣସି ବ୍ୟକ୍ତି କିମ୍ବା ଡ୍ରାଇଭର ଉପସ୍ଥିତ ନ ଥିଲେ। ମାଜିଷ୍ଟ୍ରେଟଙ୍କ ଉପସ୍ଥିତରେ ଗାଡି ଯାଞ୍ଚ କରାଯାଇଥିଲା। ଗାଡିରୁ ପ୍ଲାଷ୍ଟିକ ବସ୍ତାରେ ଭର୍ତ୍ତି ଥିବା ଗଞ୍ଜେଇ ଜବତ କରାଯାଇଥିଲା।

# ସଂସ୍କାରମୂଳକ ନାଟକ ସୃଷ୍ଟି ଉପରେ ଗୁରୁତ୍ୱ

**ସମ୍ବଲପୁର,୨୭।୩ (ବ୍ୟୁରୋ)**





ରବିବାର ନାଟ ନାଟୁଆ ନାଟ୍ୟାନୁଷ୍ଠାନ ଓ ଜିଲା ସଂସ୍କୃତି ପରିଷଦ ମିଳିତ ଆୟୋଜନରେ ବିଶ୍ୱନାଟ୍ୟ ଦିବସ ଉତ୍ସବ।

**ନାଟନାଟୁଆର ବିଶ୍ୱ ନାଟ୍ୟ ଦିବସ**
- ପ୍ରସନ୍ନଙ୍କୁ ନାଟ୍ୟ ଭବଭୂତି ସମ୍ମାନ
- ସତ୍ୟବାଦୀଙ୍କୁ ନାଟ ନାଟୁଆ ସମ୍ମାନ

ନାଟ ନାଟୁଆ ନାଟ୍ୟନୁଷ୍ଠାନ ଓ ଜିଲା ସଂସ୍କୃତି ପରିଷଦ ମିଳିତ ଆୟୋଜନରେ ବିଶ୍ୱନାଟ୍ୟ ଦିବସ ରବିବାର ସମ୍ବଲପୁର ସାର୍ବଜନୀନ ଗ୍ରନ୍ଥାଗାର ସଭାକକ୍ଷରେ ପାଳିତ ହୋଇଯାଇଛି । ନାଟ୍ୟକାର ଡ.ପ୍ରସନ୍ନ କୁମାର ସାହୁଙ୍କୁ ନାଟ୍ୟ ଭବଭୂତି ସମ୍ମାନ ଓ ନାଟ୍ୟକର୍ମୀ ସତ୍ୟବାଦୀ ମଲ୍ଲିକଙ୍କୁ ନାଟନାଟୁଆ ସମ୍ମାନ-୨୦୨୨ ପ୍ରଦାନ କରାଯାଇଛି। ସଂଯୋଜକ ସୂର୍ଯ୍ୟ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଉତ୍ସବ ହୋଇଥିଲା। ଗୀତିକାର ତଥା ନାଟ୍ୟକାର ବିନୋଦ ପଶାୟତ ମୁଖ୍ୟଅତିଥି, ନାଟ୍ୟକଳା ପରିଷଦ ସଭାପତି ଡ. ଶିବନାରାୟଣ ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନାଟ୍ୟ ଦିବସର ବିଶେଷତା ଉପରେ ବକ୍ତବ୍ୟ ରଖିଥିଲେ। ଐତିହାସିକ ଦୀପକ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ସମ୍ବଲପୁରର ନାଟ୍ୟ ଇତିହାସ ଉପରେ ଆଲୋକପାତ କରି ସମାଜରେ ସଂସ୍କାର ଆଣିବା ପାଇଁ ନାଟ୍ୟକାରମାନେ ନାଟକ ସୃଷ୍ଟି କରିବାକୁ ଆହ୍ୱାନ କରିଥିଲେ। ଅନ୍ୟତମ ସଂଯୋଜକ ଅତିଶ କୁମାର ଶତପଥୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସେହିପରି ପ୍ରମୋଦ ମିଶ୍ରଙ୍କ ରଚନା ଓ ସଂଗୀତ ସଂଯୋଜନାରେ ଶ୍ରୀୟା ମହାରଣା ଏବଂ ସୁଶ୍ରୀ ଶ୍ରଦ୍ଧା ମିଶ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଗାବାନା କଳାକେନ୍ଦ୍ର କଳାକାରମାନେ ଆମେ ନାଟ କରମା ପରିବେଷଣ କରିଥିଲେ । ପ୍ରଶାନ୍ତ କୁମାର ମାଝି, ସତ୍ୟନାରାୟଣ ସାହୁ , ସଞ୍ଜୟ ମିଶ୍ର, ମାନସ ରଞ୍ଜନ ମିଶ୍ର ମାନପତ୍ର ପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପଙ୍କଜିନୀ ମେହେର, ପ୍ରଶାନ୍ତ ମହାରଣା, ଦିଲିପ କୁମାର ପୃଷ୍ଟି, ଡ, ସିଦ୍ଧାର୍ଥ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ସୁରେଶ୍ୱର ସଭାପତି, ସରୋଜ ସାଧାରଣ ସମ୍ପାଦକ

**ସମ୍ବଲପୁର,୨୭।୩ (ବ୍ୟୁରୋ)**

ସମ୍ବଲପୁର ଜିଲା ଓକିଲ ସଂଘ ନିର୍ବାଚନ ଶନିବାର ରାତ୍ରିରେ ଅନୁଷ୍ଠିତ ହୋଇଯାଇଛି। ସୁରେଶ୍ୱର ମିଶ୍ର ସଭାପତି ଓ ସରୋଜ କୁମାର ସାହୁ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ସୁରେଶ୍ୱର ୪୭୦ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପ୍ରସନ୍ନ କୁମାର ସାହୁ ୧୨୫ ଖଣ୍ଡ ଭୋଟ ପାଇ ୩୪୫ ଖଣ୍ଡ ଭୋଟ ବ୍ୟବଧାନରେ ପରାଜୟ ହୋଇଛନ୍ତି। ସେହିପରି ସଂପାଦକ ସରୋଜ କୁମାର ସାହୁ ୩୧୦ଖଣ୍ଡ ଭୋଟ ପାଇ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପ୍ରବୀଣ କୁମାର ସିଂଦେଓଙ୍କ ଠାରୁ ୧୯ଟି ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଉପସଭାପତି ପଦବୀରେ ବସନ୍ତ କୁମାର ମିଶ୍ର, ଯୁଗ୍ମ ସମ୍ପାଦକ ହିମାଂଶୁ ଶେଖର ପାଣିଗ୍ରାହୀ, ସହ ସମ୍ପାଦକ ଭାବେ ମହେନ୍ଦ୍ର ବଡ଼େଇ ବିଜୟୀ ହୋଇଛନ୍ତି। କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ମାନସ ରଞ୍ଜନ ମିଶ୍ର, ଭଗତ ସିଂ, ସୁଦାମ ଚରଣ ଲୁହା, ସୁରେନ୍ଦ୍ର ନାୟକ, ରାଜେଶ ସାହୁ, ଶ୍ୟାମସୁନ୍ଦର ଗର୍ଡିଆ ବିଜୟୀ ହୋଇଛନ୍ତି । ଜିଲା ଓକିଲ ସଂଘରେ ୭୧୪ ସଭ୍ୟ ରହିଥିବା ବେଳେ ୬୧୩ ଜଣ ମତଦାନ କରିଥିଲେ। ସଭାପତି ପଦ ପାଇଁ ୨ଜଣ, ସାଧାରଣ ସମ୍ପାଦକ ୩ଜଣ, ଯୁଗ୍ମ ସମ୍ପାଦକ ୪ଜଣ ଓ ସହ ସମ୍ପାଦକ ୪ଜଣ ଓ କାର୍ଯ୍ୟକାରୀ କମିଟି ସଭ୍ୟ ପଦବୀରେ ୧୦ ଜଣ ନିର୍ବାଚନରେ ଭାଗ ନେଇଥିଲେ। ଉପସଭାପତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ଦାଶ ନିର୍ବାଚନ ପରିଚାଳନା କରିଥିଲେ। ଅଧିକାରୀ ମହମ୍ମଦ ଫାରୁକ, ସିଦ୍ଧାର୍ଥ ସାହୁ , ଅନ୍ତର୍ଯ୍ୟାମୀ ପାଣିଗ୍ରାହୀ, ଚିତ୍ରସେନ ମିଶ୍ର, ବନ୍ଦିତା ରାଣୀ ମିଶ୍ର, ଶଙ୍କର ଭଞ୍ଜ, ପ୍ରଦୀପ ଦୋରା, ବି.ଆଚାର୍ଯ୍ୟ, ଭି. ସୁପକାର, ପ୍ରଶାନ୍ତ କୁମାର କର, ଅବିନାଶ ପୁରୋହିତ, ସିଦ୍ଧାର୍ଥ ଷଡଙ୍ଗୀ ପ୍ରମୁଖ ଭୋଟ ଗଣିତରେ ସହଯୋଗ କରିଥିଲେ।

**ଜିଲା ଓକିଲ ସଂଘ ନିର୍ବାଚନ**



ସଭାପତି ସୁରେଶ୍ୱର ମିଶ୍ର



ସାଧାରଣ ସମ୍ପାଦକ ସରୋଜ କୁମାର ସାହୁ

# ୧ରୁ ବାସନ୍ତିକ ନବରାତ୍ର ଦୁର୍ଗା ପୂଜା

**ଦେବଗଡ଼, ୨୭।୩(ଡି.ଏନ.ଏ)**



ବାସନ୍ତିକ ନବରାତ୍ର ଦୁର୍ଗା ପୂଜା ପାଇଁ ଆଲୋଚନାରେ ଉପସ୍ଥିତ କର୍ମକର୍ତ୍ତା।

ମା'କନକ ଦୁର୍ଗା ମନ୍ଦିର ପରିସରରେ ପରିଚାଳନା କମିଟି ତରଫରୁ ଆସନ୍ତା ୧ ଠାରୁ ୧୧ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଥିବା ବାସନ୍ତିକ ନବରାତ୍ର ଦୁର୍ଗା ପୂଜା ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ପୂଜା ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ଆଲୋଚନା ଅନୁଯାୟୀ ବାସନ୍ତୀ ନବରାତ୍ର ପୂଜା କାର୍ଯ୍ୟ ସୂଚୀ ପ୍ରକାଶ କରାଯାଇଛି। ୧ତାରିଖରେ କଳସ ଯାତ୍ରା, ଅଧିବାସ, ନବଦିନାତ୍ମକ ଘଟ ସ୍ଥାପନ, ଅଖଣ୍ଡ ଦୀପ ସ୍ଥାପନ, ୨ତାରିଖରେ ମା ଶୈଳପୁତ୍ରୀଙ୍କ ପୂଜା, ୩ତାରିଖରେ ମା'ବ୍ରହ୍ମଚାରିଣୀ ପୂଜା, ୪ତାରିଖରେ ମା' ଚନ୍ଦ୍ରଘଣ୍ଟାଙ୍କ ପୂଜା, ୫ତାରିଖରେ ମା କୁଷ୍ମାଣ୍ଡାଙ୍କ ପୂଜା, ୬ରେ ମା' ସ୍କନ୍ଦମାତା ପୂଜା, ୭ରେ ମା' କାତାୟାନି ପୂଜା ଓ ଷଷ୍ଠୀ ପୂଜା ହେବ। ସେହିପରି ୮ତାରିଖରେ ମା'କାଳରାତ୍ରି ଓ ସପ୍ତମୀ ପୂଜା, ୯ତାରିଖରେ ମା' ମହାଗୌରୀଙ୍କ ଅଷ୍ଟମୀ ଓ ସନ୍ଧି ପୂଜା, ୧୦ରେ ମା' ସିଦ୍ଧିଦାତ୍ରୀଙ୍କ ନବମୀ ପୂଜା, ୧୧ରେ ଦଶମୀ ଓ ବାସନ୍ତିକ ଦଶହରା ହେବାର ନିଷ୍ପତ୍ତି ନିଆଯାଇଛି। ଉକ୍ତ ବୈଠକରେ କମିଟିର ବରିଷ୍ଠ ସଭ୍ୟ କିଶନ ଅଗ୍ରୱାଲ, ପ୍ରଦୀପ ଦାଶ, ରାଜେନ୍ଦ୍ର ସାହୁ, ରମଣୀ ରଞ୍ଜନ ଆଚାର୍ଯ୍ୟ, ଇନ୍ଦ୍ରମଣି ସାମଲ, ଶରତ ମେହେର, ରୂପକ ମାଝୀ, ଶିବାଶିଷ କପରଦାର, କ୍ଷୀରୋଦ ସାହୁ, କିଶୋର ବେହେରା ହରେକୃଷ୍ଣ ସାହୁ, କାଳୀନ୍ଦ୍ରି ସାହୁ, ଅଞ୍ଜନ ବେହେରା, ବାନ୍ଧୁ ବେହେରା ଓ କମିଟିର ଅନ୍ୟାନ୍ୟ ସମସ୍ତ ସଭ୍ୟ ଉପସ୍ଥିତ ରହି ନିଜର ମତ ସାବ୍ୟସ୍ତ କରିଥିଲେ। ଶେଷରେ ଶଶାଙ୍କ ଶେଖର ଝାଙ୍କର ଧନ୍ୟବାଦ ଜ୍ଞାପନ କରିଥିଲେ।

# ମୋବାଇଲ ଲୁଟ୍, ଯୁବକ ଗିରଫ

**ରାଉରକେଲା ଅଫିସ,୨୭।୩**

ରାଉରକେଲା ପ୍ଲାଣ୍ଟସାଇଟ ଥାନା ଅଧୀନ ରିଂରୋଡ୍ ଉପରୁ ଜଣେ ମହିଳାଙ୍କ ମୋବାଇଲ ଛଡାଇ ଫେରାର ଥିବା ଯୁବକଙ୍କୁ ପୋଲିସ ରବିବାର ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ନାଲାରୋଡ୍ ଅଞ୍ଚଳର ଅରସାଦ ଖାନ୍(୨୮)। ପାୱାର ହାଉସ୍‌ରୋଡ୍ ଅଞ୍ଚଳର ଶିଳ୍ପୀ କୁମାରୀ ସାହୁ ଗତ ୧୫ ତାରିଖରେ କୌଣସି କାମ ପାଇଁ ରାଉରକେଲା ରିଂରୋଡରେ ତାଙ୍କ ବନ୍ଧୁଙ୍କ ସହ ମୋବାଇଲରେ କଥା ହୋଇଯାଇଥିଲେ। ଏହି ସମୟରେ ଅରସାଦ ଏକ ବାଇକ୍‌ରେ ଆସି ତାଙ୍କ ମୋବାଇଲ ଛଡାଇ ନେଇଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ.୯୪/୨୨) ରୁଜୁ କରି ମୀନାପଡା ଅଞ୍ଚଳରୁ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ସ୍କାଏ ଲାଇଟ ଭାଙ୍ଗି କିରାନା ଦୋକାନରୁ ଚୋରି

**ବାଉଁଶୁଣୀ,୨୭।୩(ଡି.ଏନ.ଏ.)**

ସ୍କାଏଲାଇଟ ଭାଙ୍ଗି ମନମୁଣ୍ଡା ଥାନା ଛକରେ ଥିବା ଶ୍ରୀଜଗନ୍ନାଥ କିରାନା ଦୋକାନରୁ ଗତ ଶୁକ୍ରବାର ରାତିରେ ଚୋରି ହୋଇଯାଇଛି । ଦୋକାନରୁ କେବଳ ୫ ହଜାର ଟଙ୍କା ଚୋରି ହୋଇଥିବା ଦୋକାନ ମାଲିକ ଆକାଶ ମେହେର ରବିବାର ଥାନାରେ ଅଭିଯୋଗ କରିଛନ୍ତି। ଥାନା ଠାରୁ ମାତ୍ର ୫୦ ମିଟର ଦୂରରେ ଏହି ଦୋକାନ ରହିଛି। ପାଖରେ ଥାନା ଥାଇ ବି ଦୋକାନରୁ ଚୋରି ହେବା ପୋଲିସର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଚୋରି ପାଇପ୍ ଜବତ: ୫ ଗିରଫ



ପାଣିପାଇପ୍ ଚୋରି ଘଟଣାରେ ଗିରଫ ଅଭିଯୁକ୍ତମାନେ।

**ଝାରସୁଗୁଡା ଅଫିସ୍,୨୭।୩**

ଝାରସୁଗୁଡା ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ସାଗରପାଲି ଗ୍ରାମ ନିକଟରେ ଥିବା ମେଗା ଲିଫ୍ଟ ପଏଣ୍ଟରୁ କେତେକ ପାଣିପାଇପ୍ ଚୋରି ହୋଇଥିଲା। ଏନେଇ ଲିଫ୍ଟ ପଏଣ୍ଟ ଏଲ୍‌ଆଣ୍ଡ୍ ଟି ଠିକାସଂସ୍ଥା କର୍ମଚାରୀ ଉମେଶ ନନ୍ଦ ଭୋଇ ରେଙ୍ଗାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ୍ ରେଙ୍ଗାଲି ଥାନାରେ ଏକ ମାମଲା (ନଂ. ୪୭/୨୨) ରୁଜୁକରି ତଦନ୍ତ ଚଳାଇଥିଲା। ଏହି ଘଟଣାରେ ପୋଲିସ୍ ଅଧିକାରୀ ପି.କେ ସ୍ୱାଇଁ ତଦନ୍ତ କରିଥିଲେ। ରବିବାର ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ସାଗରପାଲି ଗ୍ରାମର କୃଷ୍ଣଚନ୍ଦ୍ର ପ୍ରଧାନ(୩୪), କିଶୋର ପ୍ରଧାନ(୩୨), ଭରତ କିଷାନ(୩୭), ଆଜମିଲା ସା(୩୫), ପୂର୍ଣ୍ଣନନ୍ଦ ପତିନା(୨୨)। ଏମାନଙ୍କ ନିକଟରୁ ପୋଲିସ୍ ଚୋରି ପାଇପ୍ ଜବତ କରିଛି।

# ଜଗନ୍ନାଥ କଲୋନୀ କ୍ରିକେଟ କ୍ଲବ ଚାମ୍ପିୟନ

**ବଦ୍ରିନାରାୟଣ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ**

**ସମ୍ବଲପୁର,୨୭।୩(ବ୍ୟୁରୋ)**



ସପ୍ତମ ବଦ୍ରିନାରାୟଣ ହୋତା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଚାମ୍ପିୟନ ଦଳ ଟ୍ରଫି ସହ।

ସପ୍ତମ ବଦ୍ରିନାରାୟଣ ହୋତା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ସମ୍ବଲପୁର ହାୱା ମଇଦାନଠାରେ ଉଦ୍‌ଯାପିତ ହୋଇଯାଇଛି । ଆୟୋଜକ ଜଗନ୍ନାଥ କଲୋନୀ କ୍ରିକେଟ କ୍ଲବ ଚାମ୍ପିୟନ ଓ କମିଶନର କଲୋନୀ କ୍ରିକେଟ କ୍ଲବ ରନର୍ସ ଅପ୍ ଟ୍ରଫି ହାସଲ କରିଛି । ପୂର୍ବତନ ଉପନଗରପାଳ ସିଦ୍ଧାର୍ଥ ସାହା, ଜିଲା କ୍ରୀଡା ସଂଘ ସାଧାରଣ ସଂପାଦକ ସୁନୀଲ ସାହୁ ଓ ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନ, ସମରଜିତ ପଟ୍ଟନାୟକ, ଶୁଭଙ୍କର ନନ୍ଦି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

# ଭିସୁଟ୍‌ରେ ହାଇସ୍କୁଲ ଛାତ୍ରୀଛାତ୍ରଙ୍କ କମ୍ପ୍ୟୁଟର ପ୍ରଶିକ୍ଷଣ



ହାଇସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ଆୟୋଜିତ କମ୍ପ୍ୟୁଟର ପ୍ରଶିକ୍ଷଣ ଶିବିର।

**ସମ୍ବଲପୁର,୨୭।୩(ବ୍ୟୁରୋ):** ସମ୍ବଲପୁର ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ)ରେ ହାଇସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ କମ୍ପ୍ୟୁଟର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୁଢ଼ାରଜା ସରକାରୀ ହାଇସ୍କୁଲ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ। କମ୍ପ୍ୟୁଟର ସାଇନ୍ସ, ଇଞ୍ଜିନିୟରିଂ, ପ୍ରଯୁକ୍ତିବିଦ୍ୟା ବିଭାଗ ବୁଲି ଦେଖିଥିଲେ। ଭିସୁଟ କୁଳପତି ପ୍ରଫେସର ବଂଶୀଧର ମାଝିଙ୍କ ନିର୍ଦ୍ଦେଶକ୍ରମେ ଛାତ୍ରୀଛାତ୍ରମାନଙ୍କୁ କମ୍ପ୍ୟୁଟର ଶିକ୍ଷାଦାନ କରାଯାଇଥିଲା। କମ୍ପ୍ୟୁଟରର ବିଭିନ୍ନ ବୈଷୟିକ ବ୍ୟବହାର ଉପରେ ଛାତ୍ରୀଛାତ୍ରମାନେ ଅବଗତ ହୋଇଥିଲେ। ଏହାସହ ଆଗାମୀ କ୍ୟାରିୟର ଉପରେ ପରାମର୍ଶ ଦିଆଯାଇଥିଲା। ଭିସୁଟର ଡ. ଡିସି ରାଓ, ସସ୍ମିତା ବେହେରା, ଦେବୀପ୍ରସନ୍ନ କାନୁନ୍‌ଗୋ, ସୁଜିତ ମହାପାତ୍ର, ଦେବାଶିଷ ମିଶ୍ର ପ୍ରମୁଖ ତାଲିମ ପ୍ରଦାନ କରିଥିଲେ।

# ପରିବେଶ ସନ୍ତୁଳନ ସମ୍ପର୍କିତ ଶପଥ ପାଠ

**କୁଚିଣ୍ଡା,୨୭।୩(ଡି.ଏନ.ଏ.)**

କୁଚିଣ୍ଡା ବ୍ଲକ କୁନ୍ତରାସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିର ସଭାଗୃହରେ ଶନିବାର ପରିବେଶ ସନ୍ତୁଳନ ସମ୍ପର୍କିତ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଞ୍ଚଳର ପରିବେଶ ପ୍ରେମୀବୃନ୍ଦ ଯୋଗଦେଇ ପରିବେଶ ସନ୍ତୁଳନ ବଜାୟ ରଖିବା ଉଦ୍ଦେଶ୍ୟରେ ଶପଥ ପାଠ କରିଥିଲେ। ସରସ୍ୱତୀ ବିଦ୍ୟାମନ୍ଦିର ପରିଚାଳନା କମିଟି ସଭାପତି ନରେଶ ପଟେଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ତଥା ପ୍ରକୃତି ବନ୍ଧୁ ସୁବାସ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପରିବେଶ ସୁରକ୍ଷା ସମ୍ପର୍କରେ ଜନସଚେତନତା ସୃଷ୍ଟି ଦିଗରେ ପଦକ୍ଷେପ ନେବାକୁ ଆହ୍ୱାନ କରି ସଭାରେ ଯୋଗ ଦେଇଥିବା ପ୍ରକୃତି ପ୍ରେମୀଙ୍କୁ ଶପଥ ପାଠ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ନାୟକ, ଡ. ବିହାରୀ ଲାଲ ପଟେଲ, ଅଘରିଆ ସମାଜ ଆଞ୍ଚଳିକ ସଭାପତି ବନମାଳୀ ନାୟକ, ପୂର୍ଣ୍ଣଚନ୍ଦ୍ର ପଟେଲ,ପ୍ରଭାକର ପଟେଲ, ଭବାନୀ ଶଙ୍କର ନାୟକ, ଅଯୋଧ୍ୟା ପଟେଲ ପ୍ରମୁଖ ପ୍ରକୃତିର ସୁରକ୍ଷା ପାଇଁ ନିଜର କର୍ତ୍ତବ୍ୟ ଉପରେ ଆଲୋକପାତ ଥିଲେ। ଆୟୋଜକ କମିଟି ସଭାପତି ଅନିମା ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦିକା ସଂଯୁକ୍ତା ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଡାଲମିଆ ମହାବିଦ୍ୟାଳୟ ଅଧକ୍ଷା ସମ୍ବର୍ଦ୍ଧିତା

**କୁତ୍ରା,୨୩।୩(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଝାରବେଡାସ୍ଥିତ ଡାଲମିଆ ମହାବିଦ୍ୟାଳୟର ଅଧକ୍ଷା ସମ୍ବର୍ଦ୍ଧିତ ହୋଇଛନ୍ତି। ରାଉରକେଲା ଲେଖକ ସାମ୍ମୁଖ୍ୟ ଆନୁକୂଲ୍ୟରେ ପ୍ରତିବର୍ଷ ମାର୍ଚ୍ଚ ୮ରେ ମହିଳା ଦିବସ ପାଳନ ଅବସରରେ ୫ଜଣ ବିଶିଷ୍ଟ ମହିଳାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରି ଏକ ନୂତନ ଅଧ୍ୟାୟ ସୃଷ୍ଟି କରାଯାଇଆସୁଛି। ସାହିତ୍ୟ, ସଙ୍ଗୀତ, ଶିକ୍ଷା, ସମାଜସେବା ତଥା କ୍ରୀଡ଼ା କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ମହିଳାଙ୍କୁ ଚଳିତ ବର୍ଷ ଏହି ଅନୁଷ୍ଠାନ ସମ୍ବର୍ଦ୍ଧିତ କରିଛି। ସୁନ୍ଦରଗଡ଼ ଜିଲାରେ ଶିକ୍ଷା କ୍ଷେତ୍ରରେ ଡାଲମିଆ ମହାବିଦ୍ୟାଳୟ ଅଧକ୍ଷା ଡ. ହୀରନ ଲୁଗୁନଙ୍କୁ ବିଶିଷ୍ଟ ମହିଳା ଶିକ୍ଷାବିତ ଭାବେ ସମ୍ବର୍ଦ୍ଧିତ କରାଯାଇଛି। ରବିବାର ସୁନ୍ଦରଗଡ଼ ଜିଲା ଲେଖକ ସାମ୍ମୁଖ୍ୟ ରାଉରକେଲାର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ ଅବସରରେ ଆଉ ଚାରି ଜଣ ବିଶିଷ୍ଟ ମହିଳାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।



ଡାଲମିଆ ମହାବିଦ୍ୟାଳୟ ଅଧକ୍ଷାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଆଇଟିଡିଏରେ ସାମିଲ ହେବ କୋଲାବିରା ବ୍ଲକ

**ଝାରସୁଗୁଡା ଅଫିସ,୨୭।୩**

ସମ୍ମିଳିତ ଆଦିବାସୀ ସମାଜର ପ୍ରଚେଷ୍ଟାରେ ଲଇକେରା ଓ କିର୍ମିରା ବ୍ଲକ ଆଇଟିଡିଏରେ ସାମିଲ ହେବା ପାଇଁ ଭାରତ ସରକାରଙ୍କ ଆଦିବାସୀ ବିଭାଗରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଉଥିବାବେଳେ କୋଲାବିରା ବ୍ଲକକୁ ଆଇଟିଡିଏରେ ସାମିଲ କରିବା ପାଇଁ ସରଜମିନ ତଦନ୍ତ ପାଇଁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ଏକ ପତ୍ର ଲେଖିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ଲଇକେରା ଓ କିର୍ମିରା ବ୍ଲକକୁ ଆଇଟିଡିଏର ଅନ୍ତର୍ଭୁକ୍ତ କରିବା ପାଇଁ ବିହୀତ ପଦକ୍ଷେପ ଗ୍ରହଣ କରାଯାଇଛି। କୋଲାବିରା ବ୍ଲକର ସରଜମିନ ତଦନ୍ତକରି ବିଧିବଦ୍ଧ ପ୍ରସ୍ତାବ ପଠାଇବା ପାଇଁ ଆଦିବାସୀ ବିଭାଗର ଉପ ନିର୍ଦ୍ଦେଶକ ଧିରଜ ଚନ୍ଦ୍ର ରାୟ ରାଜ୍ୟ ସରକାରଙ୍କୁ ଚିଠି ଲେଖିଛନ୍ତି। ସମ୍ମିଳିତ ଆଦିବାସୀ ସମାଜ ଏହି ପ୍ରସ୍ତାବଗୁଡିକ ସହିତ ସମ୍ବଲପୁର ଜିଲାର ଯୁଯୋମୁରା ବ୍ଲକକୁ ମଧ ଆଇଟିଡିଏରେ ସାମିଲ କରିବା ପ୍ରସ୍ତାବ ରହିଛି। ଆସନ୍ତା ୬ ତାରିଖ ସ୍ଥାନୀୟ ଗୋଁଣ୍ଡ ଭବନଠାରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହେବ। ଏପ୍ରିଲ ଦ୍ୱିତୀୟ ସପ୍ତାହରେ ଏକ ନେତୃମଣ୍ଡଳୀ ଦିଲ୍ଲୀ ଯାଇ ସମ୍ପୃକ୍ତ ବିଭାଗର ପଦାଧିକାରୀ ଓ ମନ୍ତ୍ରୀଙ୍କୁ ଭେଟି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ନିବେଦନ କରାଯିବ। ଇତି ମଧ୍ୟରେ ଝାରସୁଗୁଡା ଜିଲାର ଆଦିବାସୀ ଜନସଂଖ୍ୟାକୁ ସମ୍ମାନ ଜଣାଇ ଉଭୟ ଜିଲା ପରିଷଦ ଅଧକ୍ଷ ଓ ଉପାଧକ୍ଷ ପଦରେ ଯଥାକ୍ରମେ ତୁଳାବତୀ ମିଞ୍ଜ ଓ ଅକ୍ଷୟ ସାହୁ ନିର୍ବାଚିତ ହୋଇଥିବାରୁ ସମ୍ମିଳିତ ଆଦିବାସୀ ସମାଜ ତାଙ୍କୁ ଓ ସମସ୍ତ ସଭ୍ୟାସଭ୍ୟଙ୍କୁ ବହୁତ ଧନ୍ୟବାଦ ଜଣାଇଛି। ଆଗାମୀ ଦିନରେ ଆଦିବାସୀମାନଙ୍କ ସର୍ବାଙ୍ଗୀନ ଉନ୍ନତି କରିବା ପାଇଁ ଆଶା ରଖିଛି। ମୁଖ୍ୟ ଭାବରେ ଲଇକେରା ଓ କିର୍ମିରା ବ୍ଲକକୁ ଆଇଟିଡିଏରେ ସାମିଲ କରିବା ପାଇଁ ଜିଲା ପରିଷଦର ପ୍ରଥମ ବୈଠକରେ ପ୍ରସ୍ତାବ ଗ୍ରହଣ କରି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଜଣାଇବା ପାଇଁ ସମ୍ମିଳିତ ଆଦିବାସୀ ସମାଜ ଅନୁରୋଧ କରିଛି। ସେହିପରି ଆଦିବାସୀମାନଙ୍କର ସାମ୍ବିଧାନିକ ହକ ଅଧିକାର ମଧ୍ୟରୁ ପ୍ରମୁଖ ଭାବରେ ରାଜ୍ୟ ଅନୁସୂଚିତ ଜନଜାତି ଆୟୋଗ ଗଠନ, ପେଶା ଆଇନ, ଚାକିରୀ କ୍ଷେତ୍ରରେ ଆଦିବାସୀମାନଙ୍କ ପଦୋନ୍ନତି, ଜଙ୍ଗଲ ଜମିର ବ୍ୟକ୍ତିଗତ ଓ ଗୋଷ୍ଠୀଗତ ପଟ୍ଟା ପ୍ରଦାନ ଓ ଜିଲାରେ ଆଦିବାସୀମାନଙ୍କ ପାଇଁ ମୁକ୍ତ ଆକାଶ ବୃହତ ମ୍ୟୁଜିୟମ ନିର୍ମାଣ ଆଦିର ନିତିଗତ ନିଷ୍ପତ୍ତି ନେବା ପାଇଁ ଜିଲା ପରିଷଦର ପ୍ରଥମ ବୈଠକରେ ପ୍ରସ୍ତାବ ପାରିତ କରାଯାଉ ବୋଲି ସମ୍ମିଳିତ ଆଦିବାସୀ ସମାଜର ମୁଖ୍ୟ ଉପଦେଷ୍ଟା ତଥା ଅଖିଳ ଭାରତୀୟ ଗୋଁଣ୍ଡୱନା ଗୋଁଣ୍ଡ ମହାସଭାର ରାଜ୍ୟ ସଭାପତି ମହେନ୍ଦ୍ର ନାଏକ ଜଣାଇଛନ୍ତି।

## କୃଷକ ସଚେତନତା କାର୍ଯ୍ୟକ୍ରମ

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଭାଲୁପାଲି ଗାଁରେ କୃଷକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ, ମୋବାଇଲ ୟୁନିଟର ଏଭିଏଏସ ଓ ରୋତ ଏଲଆଇ ଯୋଗଦେଇଥିଲେ। ଗୃହପାଳିତ ପଶୁଙ୍କୁ ନିୟମିତ ଭାବେ ଟିକାକରଣ କରରିବା ଏବଂ କୃମି ଦମନ ଉପରେ ଗୁରୁତ୍ୱ ଦେବାକୁ ଚାଷୀଙ୍କୁ ପରାମର୍ଶ ଦେଇଥିଲେ । ଏହାବାଦ ପ୍ରାଣୀ ସମ୍ପଦ ବିଭାଗ ଅଧୀନ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ କୃଷକମାନଙ୍କୁ ବୁଝାଇଥିଲେ ।

## ସଂକ୍ଷେପରେ

### ଅଟୋ ଓଲଟି ଜଣେ ମୃତ, ୮ ଗୁରୁତର



**ଲୋଇସିଂହା,୨୭।୩(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ତଲିଉଡାର ତଳିବନ୍ଧ ନିକଟରେ ଏକ ଅଟୋ ଭାରସାମ୍ୟ ହରାଇ ଓଲଟି ପଡିବାରୁ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି । ଏଥିରେ ଥିବା ଅନ୍ୟ ୮ ଯାତ୍ରୀ ଗୁରୁତର ହୋଇଛନ୍ତି। ମୃତା ହେଲେ ରୋଥ ଗ୍ରାମର ବିମଳା ଭୋଇ(୮୫)। ମୃତଦେହକୁ କରି ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ବ୍ୟବଚ୍ଛେଦ କରି ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନାମତେ, ରୋଥ ଓ ବାଦିମୁଣ୍ଡା ଅଞ୍ଚଳର କେତେକ ବ୍ୟକ୍ତି ଦୁଆନାପାଲିକୁ ଏକ ବିବାହ ଉତ୍ସବରେ ଯୋଗଦେବାକୁ ଯାଇଥିଲେ । ବିବାହ ଉତ୍ସବ ସାରି ଅଟୋରେ ଘରକୁ ଫେରୁଥିବାବେଳେ ବଲାଙ୍ଗୀର-କୁଶଙ୍ଗ ରାସ୍ତାର ତଳିବନ୍ଧ ନିକଟରେ ଗାଡି ଓଲଟି ପଡିଥିଲା । ଅଟୋରେ ବସିଥିବା ସମସ୍ତ ଯାତ୍ରୀ ରାସ୍ତାରେ ଛିଟିକି ପଡି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ବଲାଙ୍ଗୀର ପଠାଇଥିଲେ । ସେଠାରେ ବିମଳାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

### ଟିଟିଲାଗଡ଼ ଓକିଲ ସଂଘ ନିର୍ବାଚନ: ସଞ୍ଜୟ୍ ସଭାପତି, କାର୍ତ୍ତିକ ସମ୍ପାଦକ

**ଟିଟିଲାଗଡ଼,୨୭।୩(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଟିଟିଲାଗଡ଼ ଓକିଲ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଞ୍ଜୟ୍ କୁମାର ବେହେରା ସଭାପତିଭାବେ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଅରବିନ୍ଦ ଲାଲ ମହତୋଙ୍କୁ ପରାସ୍ତ କରିଛନ୍ତି। ସମ୍ପାଦକ ପଦରେ କାର୍ତ୍ତିକେଶ୍ୱର ଛତର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ମହେଶ କୁମାର ମହାନ୍ତିଙ୍କଠାରୁ ୬୫ଖଣ୍ଡ ଭୋଟ ଅଧିକ ପାଇ ବିଜୟୀ ହୋଇଛନ୍ତି। କୋଷାଧ୍ୟକ୍ଷ ପଦରେ ବେଦ ପ୍ରକାଶ ବେହେରା ପ୍ରୀତିମନ ନାଗଙ୍କଠାରୁ ଶହେରୁ ଅଧିକ ଭୋଟପାଇ ବିଜୟୀ ହୋଇଛନ୍ତି। ସହସମ୍ପାଦକ ଭାବେ ସୁରେନ୍ଦ୍ର ନାଥ ପୋଡ଼ ନିର୍ଦ୍ୱନ୍ଦ୍ୱ ନିର୍ବାଚିତ ହୋଇଥିବା ବେଳେ ଦଶ ଜଣ ସଭ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି । ନିର୍ବାଚନକୁ ତମ୍ବରୁଧର କର୍ମୀ ପରିଚାଳନା କରିଥିଲେ। ତାଙ୍କୁ ତନୟ ଠାକୁର, ରାଘବ ରଣା, ପ୍ରଫୁଲ କୁମାର ବିଶି ସହଯୋଗ କରିଥିଲେ।

### ପ୍ରକାଶ ଦାସ କେସିଙ୍ଗା ବାର ଆସୋସିଏଶନ ନୂତନ ସଭାପତି

**କେସିଙ୍ଗା,୨୭।୩(ଡି.ଏନ.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ବାର୍ ଆସୋସିଏଶନର ନୂତନ କର୍ମକର୍ତ୍ତା ନିର୍ବାଚନ



ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ପ୍ରକାଶ ଦାସ ୩୭ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଦେବେନ୍ଦ୍ର ଭୂଜବଲ ୧୭ ଖଣ୍ଡ ଭୋଟ ପାଇ ପରାଜିତ ହୋଇଛନ୍ତି। ସେହିପରି ସମ୍ପାଦକ ଭାବେ ରଣଜିତ୍ କୁମାର ଷଡଙ୍ଗୀ, ଯୁଗ୍ମ ସମ୍ପାଦକ ସୁଶାନ୍ତ କୁମାର ପଧାନ ଓ କୋଷାଧକ୍ଷ ଭାବେ ଦିନେଶ କୁମାର ଭୋଇ ନିର୍ବାଚିତ ହୋଇଥିଲେ । ଏକ୍‌ଜିକ୍ୟୁଟିଭ ବଡ଼ିରେ ଜଳନ୍ଧର ଘିବେଲା, ଲକ୍ଷ୍ମୀକାନ୍ତ ମହଲା, କୃଷ୍ଣଚନ୍ଦ୍ରନାଗ, ଅନିଲ କୁମାର ପୋଦ୍ଦ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ନିର୍ବାଚନ ଅଧିକାରୀ ଭାବେ କାମପାଳ ସାହା କାର୍ଯ୍ୟ ସମ୍ପାଦନ କରିଥିଲେ।

### ସମ୍ପନ୍ନ ହେଲା ବୈଦିକ ଯଜ୍ଞ

**ଲୋଇସିଂହା,୨୭।୩(ଡି.ଏନ.ଏ):** ବଲାଙ୍ଗୀର ଜିଲା ପାତାଳି ପରିବାର ପକ୍ଷରୁ ଲୋଇସିଂହାଠାରେ ତିନିଦିନ ଧରି ଚାଲିଥିବା ୧୦୮ କୁଣ୍ଡୀୟ ବୈଦିକ ଯଜ୍ଞ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ହରିଦ୍ୱାର ଯୋଗପୀଠର ସ୍ୱାମୀ ଯଜ୍ଞଦେବଜୀ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଂସାରରେ ଯଜ୍ଞ ହିଁ ଶ୍ରେଷ୍ଠତମ କର୍ମ । ତେଣୁ ପ୍ରତ୍ୟେକ ମଣିଷ ପ୍ରତିଦିନ ଯୋଗ ଏବଂ ପରିବାରରେ ଅନ୍ତତଃପକ୍ଷେ ୭ ମିନିଟ ଯଜ୍ଞାହୁତି କରିବାକୁ ସେ ପରାମର୍ଶ ଦେଇଥିଲେ। ରବିବାର ଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଯଜ୍ଞ ପ୍ରଭାରୀ ସସ୍ମିତା ସାହୁ, ମହିଳା ପ୍ରଭାରୀ ସୁଜାତା ଦିଶ୍ରୀ, ଜିଲା ଯୋଗ ସମିତି ପ୍ରଭାରୀ ଅଶୋକ କୁମାର ଅଗ୍ରୱାଲ, ଜିଲା ଭାରତ ସ୍ୱାଭିମାନ ପ୍ରଭାରୀ ରଘୁନାଥ ଷଡଙ୍ଗୀ, କୃଷକ ପ୍ରଭାରୀ ଅଚ୍ୟୁତ ପୁରୋହିତ, ଯୁବ ପ୍ରଭାରୀ ଜ୍ୟୋତିପ୍ରକାଶ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ପଏଁରୀ ତିହାର-୨୦୨୨

# ଲୋକନୃତ୍ୟ, ସଙ୍ଗୀତରେ ଝୁମିଲେ ଦର୍ଶକ

**ସୋନପୁର,୨୭।୩(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ପଏଁରୀ ପକ୍ଷରୁ ରବିବାର ପଏଁରୀ ତିହାର ୨୦୨୨ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ, ସଙ୍ଗୀତ ନାଟକ ଏକାଡେମୀ ନୂଆଦିଲ୍ଲୀ ଏବଂ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ଓଡିଶା ସରକାରଙ୍କ ସହାୟତାରେ ଏହି ଜାତୀୟ ପାରମ୍ପରିକ ଲୋକକଳା ଓ ସଙ୍ଗୀତ ଉତ୍ସବ ଆୟୋଜନ ହୋଇଥିଲା।

ପୂର୍ବାହ୍ନରେ ଅନୁଷ୍ଠାନ କଳାକାର, କର୍ମକର୍ତ୍ତା ବିଭିନ୍ନ ବ୍ଲକରୁ ଆସିଥିବା ପାରମ୍ପରିକ କଳାକାର ଓ ଲୋକ ସଙ୍ଗୀତକାରଙ୍କୁ ନେଇ ଏକ ଶୋଭାଯାତ୍ରା ସୁରେଶ୍ୱରୀ ମନ୍ଦିରରୁ ବାହାରି ସହର



ସାଂସ୍କୃତିକ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି ବୃନ୍ଦ।

ପରିକ୍ରମା କରିଥିଲା। ପରେ ସ୍ଥାନୀୟ ଭୀମ ଭୋଇ କଳା ମଣ୍ଡପରେ ତିହାରକୁ ବରିଷ୍ଠ କଳାକାର କୁନ୍ତି ସାହୁ ଉଦ୍‌ଘାଟନ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ଉପଦେଷ୍ଟା ଅଭିମନ୍ୟୁ କୁଶଳ, ଶ୍ରୀବତ୍ସ ମଲ୍ଲିକ ଓ ସୋନପୁର-ମନମୁଣ୍ଡା ପ୍ରାତଃଭ୍ରମଣ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଭାପତି ଲକ୍ଷ୍ମୀନାରାୟଣ ମେହେର ଯୋଗଦେଇଥିଲେ। ସନ୍ଧ୍ୟାରେ କଣ୍ଠଶିଳ୍ପୀ ଶତ୍ରୁଘ୍ନ ଲୁହା, ଶାଶ୍ୱତ କୁମାର ତ୍ରିପାଠୀ, ମୁସ୍କାନ ମଲ୍ଲିକ, ହରି ଓଁ କୁଶଳ ସଙ୍ଗୀତ ପରିବେଷଣ କରିଥିଲେ। ସାଂସ୍କୃତିକ ସଭାରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଦାଶ ତାଙ୍କ ବକ୍ତବ୍ୟରେ ଐତିହ୍ୟ, ସଂସ୍କୃତି ସମ୍ପନ୍ନ ଏହି ଜିଲାରେ ପ୍ରାଚୀନ ଲୋକକଳା ଓ ସଂସ୍କୃତିକୁ ଉଜ୍ଜୀବିତ ରଖିବାକୁ ସାମୂହିକ ଉଦ୍ୟମ ଲୋଡା ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଚଳଚ୍ଚିତ୍ର ନିର୍ମାତା ତଥା ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର, ଦୂରଦର୍ଶନ କେନ୍ଦ୍ର ଭବାନୀପାଟଣାର ଷ୍ଟେସନ ଡାଇରେକ୍ଟର ଶରତ କୁମାର ବେହେରା ଯୋଗଦେଇ ଜିଲାର କଳା ଓ ସଂସ୍କୃତି ମହାନ ବୋଲି କହିଥିଲେ। ଉପଦେଷ୍ଟା ନାଟ୍ୟଶ୍ରୀ ଗଦାଧର ବାରିକ, ଶ୍ରୀବତ୍ସ ମଲ୍ଲିକ, ଅଭିମନ୍ୟୁ କୁଶଳ ମଞ୍ଚାସୀନ ଥିଲେ। ଅନୁଷ୍ଠାନ ସଭାପତି ଲଡୁକିଶୋର ମଲ୍ଲିକ ସଭାରେ ଅଧକ୍ଷତା କରିଥିଲେ। ସମ୍ପାଦକ ଚୌଧୁରୀ ବିଭାର ଉତ୍ସବ ଆୟୋଜନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପଏଁରୀ ସମ୍ମାନ ଲୋକ ସଙ୍ଗୀତକାର ସୋନପୁର ସହର ବଡବଜାରର କୁନ୍ତି ସାହୁ, ପାରମ୍ପରିକ ଦଣ୍ଡ ଲୋକନୃତ୍ୟ କଳାକାର ମହଦାର ଦଣ୍ଡ ସମ୍ରାଟ ରସିକ ସାହୁ ଓ ଲୋକବାଦ୍ୟ କଳାକାର ଜମ୍ମାଲିପାଲିର ନାଥିଲା ଖପରଧୁଆଙ୍କୁ ପ୍ରଦାନ କରାଯାଇଥିଲା। ଡାକ୍ତର ପ୍ରିତମ ବାଗଙ୍କୁ ମଧ ସମ୍ମାନିତ କରାଯାଇଥିଲା। ପରେ ବରଗଡ ସମଲେଇ ନୁପୁର କଳା ପରିଷଦର ଚୁଟ୍‌କୁଟା ନୃତ୍ୟ, ଛତିଶଗଡର ଆଦିବାସୀଙ୍କ ଡେମସା ନୃତ୍ୟ, ସୋନପୁର ପଏଁରୀର ଜୁରାବେଣୀ ନୃତ୍ୟ, ବିନିକା ରୁମ୍‌ଝୁମାନା ଅନୁଷ୍ଠାନର ଡାଲଖାଇ ନୃତ୍ୟ, ତୁଷୁରା କୃଷ୍ଣପ୍ରିୟା କଳା ପରିଷଦର ଲୋକନୃତ୍ୟ ଓ ମେଣ୍ଡାମାଳର କଳାକାର ଶବର ଶବରାନୀ ନୃତ୍ୟ ପରିବେଷଣ କରିଥିଲେ।

## ଗୋଦାମରେ ତାଲା ପକାଇଲେ ସରପଞ୍ଚ

**ଅତାବିରା,୨୭।୩(ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ବ୍ଲକ ଜାଙ୍ଗେଡ଼ ପଞ୍ଚାୟତ ପିଡ଼ିଏସ ଚାଉଳ ଗୋଦାମରେ ସ୍ଥାନୀୟ ସରପଞ୍ଚ ଭାଗବତିଆ ସିଂ ତାଲା ପକାଇଛନ୍ତି। ଗୋଦାମରେ ପିଡ଼ିଏସ ଚାଉଳ ଠିକ୍ ନ ଥିବା ଅଭିଯୋଗ କରି ସେ ତାଲା ମାରିଥିବା ଆଲୋଚନା ହେଉଛି। ଏ ସମ୍ପର୍କରେ ସ୍ଥାନୀୟ ଯୋଗାଣ ସହାୟକ ଗୁଣନିଧି ଭୋଇଙ୍କୁ ପଚାରିବାରୁ ପଞ୍ଚାୟତରେ ୧୩୮୫ ରାଶନ କାର୍ଡ଼ ହୋଲଡ଼ର ଅଛନ୍ତି। ସ୍ଥାନୀୟ ସରପଞ୍ଚ ଶୁକ୍ରବାର ପିଡ଼ିଏସ ଚାଉଳ ରହିଥିବା ଗୋଦାମ ଗୃହକୁ ଆସିଥିଲେ। ଚାଉଳ, ଗହମ ଗଚ୍ଛିତ ଥିବା ଦେଖିଥିଲେ ଏବଂ ତାଲା ମାରି ଦେଇଥିଲେ ବୋଲି ସେ କହିଛନ୍ତି । ବିଡ଼ିଓ ବିଶ୍ୱନାଥ ସାହୁଙ୍କୁ ପଚାରିବାରୁ ସେଭଳି ଅଭିଯୋଗ ତାଙ୍କ ପାଖକୁ ପହଞ୍ଚିନାହିଁ ଏବଂ ଅଭିଯୋଗ ହେଲେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଥିଲେ।

# ଶପଥ ନେଲେ ୧୨୦ଛାତ୍ରୀଛାତ୍ର

**ବଲାଙ୍ଗୀର ଅଫିସ,୨୭।୩**

ବଲାଙ୍ଗୀର ନିକଟସ୍ଥ ସଦାଇପାଲି ସାଇଟ ନର୍ସିଂ କଲେଜରେ ଏମଏସସି ନର୍ସିଂ, ବିଏସସି ନର୍ସିଂ, ଜିଏନଏମ ଏବଂ ଏଏନଏମ ନର୍ସିଂ ଛାତ୍ରୀଛାତ୍ରଙ୍କ ଏକାଦଶତମ ଶପଥ ଗ୍ରହଣ ଓ ୧୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଶପଥ ଗ୍ରହଣ ସମାରୋହରେ ୧୨୦ ଜଣ ନୂତନ ନର୍ସିଂ ଛାତ୍ରୀଛାତ୍ର ଶପଥ ଗ୍ରହଣ କରିଥିଲେ। ନର୍ସିଂ କଲେଜ ଅଧକ୍ଷା ସ୍ନିଗଧା ମିନତି ଦାନିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସାଇଟ ପ୍ରତିଷ୍ଠାତା ଡ. ଶ୍ରୀକର ମିଶ୍ର ଉଦଘାଟନୀ ଅଭିଭାଷଣ ପ୍ରଦାନ କରି ଉତ୍ତମ ସେବିକା ହେବାକୁ ଆହ୍ୱାନ ଦେଇଥିଲେ। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଉମାବଲ୍ଲଭ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଶପଥ ଗ୍ରହଣ ସମାରୋହକୁ ଉଦ୍‌ଘାଟନ କରି ରୋଗୀ ସେବାରେ ନର୍ସ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ଅକ୍ଷୟ କୁମାର ମିଶ୍ର ଓ କଲେଜ ଉନ୍ନୟନ ପରିଷଦ ନିର୍ଦ୍ଦେଶକ ପ୍ରଫେସର ବିଘ୍ନେଶ ପ୍ରସାଦ ମିଶ୍ର ଯୋଗଦେଇ ନିଷ୍ଠାପର ସେବା ଉପରେ ଗୁରୁତ୍ୱ ଦେଇଥିଲେ। ସେହିପରି ବାର୍ଷିକ ଉତ୍ସବରେ ବଲାଙ୍ଗୀର ଜିଲା ମ୍ୟାଲେରିଆ ଅଫିସର ଡା. କୁବେର ଚନ୍ଦ୍ର ମହନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଦକ୍ଷ ଓ ଆଦର୍ଶ ନର୍ସ ହେବା ପାଇଁ ପ୍ରେରଣା ଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲା ମୁଖ୍ୟ ଚିକିତ୍ସାଳୟ ମ୍ୟାନେଜର ଡା. ସୁଦୀପ୍ତ ଦତ୍ତ ଯୋଗଦେଇ ନର୍ସିଂ ସେବା ନିଷ୍ଠାପର ଭାବରେ କରିବା ପାଇଁ ପ୍ରୋତ୍ସାହିତ କରିଥିଲେ। ନୃତ୍ୟ ଗୀତ, ରଙ୍ଗୋଲି, ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସାଇଟ ନର୍ସିଂ କଲେଜ ପ୍ରଶାଶନିକ ଅଧିକାରୀ ଡା. ସିଦ୍ଧେଶ୍ୱର ମିଶ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଲୋପାମୁଦ୍ରା ମିଶ୍ର ସଂଯୋଜନା କରିଥିବା ବେଳେ ଭଗବତୀ କୌସଲ୍ୟା ନର୍ସିଂ କଲେଜ ଅଧକ୍ଷା ନେହା କୌର, ଅଶୋକ କୁମାର ପଧାନ, କାମରୁନ ନିଶା, ଅମୀୟ ଜୋଷୀ, ଅଭିଲିପ୍ସା ବାହିନୀପତି, ସୋମାରେସ୍ମା ମିଶ୍ର, ରୋଜାଲିନ ରାଜହଂସ, ପ୍ରିୟବ୍ରତ ଖଟୁଆଙ୍କ ସହିତ ସମସ୍ତ ଅଧ୍ୟାପିକ ଓ ଅଧ୍ୟାପକ ସହଯୋଗ କରିଥିଲେ। ଶେଷରେ ନର୍ସିଂ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




ସାଇଟ୍ ନର୍ସିଂ କଲେଜର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

**ସାଇଟ୍ ନର୍ସିଂ କଲେଜର ୧୭ତମ ବାର୍ଷିକ ଉତ୍ସବ**

## ଦକ୍ଷିଣୀ ଶୌଣ୍ଡିକ ସାଂସ୍କୃତିକ ମହାସଂଘର ବୈଠକ

**ଭବାନୀପାଟଣା,୨୭।୩(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ନକଟିଗୁଡାସ୍ଥିତ ବାଲାଜି ସାଂସ୍କୃତିକ ଅନୁଷ୍ଠାନଠାରେ ରବିବାର କଳାହାଣ୍ଡି, ଟିଟିଲାଗଡ଼ ଦକ୍ଷିଣୀ ଶୌଣ୍ଡିକ ସାଂସ୍କୃତିକ ମହାସଂଘର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ଉପସଭାପତି ତୁଳସୀ ରାମ ସାହୁଙ୍କ ଅଧକ୍ଷତାରେ ସଂଘ ସାଧାରଣ ସମ୍ପାଦକ ଥବିର ପ୍ରସାଦ ସାହୁ, କୋଷାଧକ୍ଷ ଶେଷଦେବ ସାହୁ, ଅଡିଟର ଗୋପାଳ ଚନ୍ଦ୍ର ସାହୁ, ଭୁବନେଶ୍ୱର ସାହୁ, କୁବେର ସାହୁ ଓ ଆଞ୍ଚଳିକ ସଂଘ ସଦସ୍ୟମାନେ ଉପସ୍ଥିତ ଥିଲେ। ଆସନ୍ତା ଅକ୍ଟୋବର ୨୧, ୨୨ ଓ ୨୩ ତାରିଖରେ ଲଡୁଗାଁଠାରେ ଦକ୍ଷିଣୀ ଶୌଣ୍ଡିକ ସାଂସ୍କୃତିକ ମହାସଂଘ ମହାସଭା ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ବରିଷ୍ଠ ସଦସ୍ୟ ସତ୍ୟ ନାରାୟଣ ଚୌଧୁରୀଙ୍କୁ ଅସ୍ଥାୟୀ ସଭାପତି ଭାବେ ମନୋନୀତ କରାଯାଇଥିଲା। ବୈଠକରେ ମହାସଭା ଆୟୋଜନ କମିଟି ସଭାପତି ବ୍ୟୋମକେଶ ସାହୁ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ, ଭବାନୀପାଟଣା ଆଞ୍ଚଳିକ କମିଟି ସଭାପତି ଅନିରୁଦ୍ଧ ସାହୁ, ନର୍ଲା, କୋକସରା, ଧର୍ମଗଡ, ଜୁନାଗଡ଼, କର୍ଲାମୁଣ୍ଡା, ଜୟପାଟଣା, କଲମପୁର ବ୍ଲକ ସଭାପତି ଓ ଆଞ୍ଚଳିକ କମିଟି ସଦସ୍ୟମାନେ ଯୋଗଦେଇଥିଲେ।

# ଶିକ୍ଷକ ତାଲିମ ଶିବିର

**ବୌଦ୍ଧ,୨୭।୩ (ସ୍ୱ.ପ୍ର.)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ସରସରାସ୍ଥିତ ବାବା ବୈଦ୍ୟନାଥ ଉଚ୍ଚ ବିଦ୍ୟାଳୟ ପରିସରରେ ଶିକ୍ଷକ ତାଲିମ ଶିବିର ରବିବାର ଦିନ ଉଦ୍‌ଯାପିତ ହୋଇଛି। ଗତ ୨୧ ତାରିଖ ଠାରୁ ଆୟୁଷ୍ମାନ ଭାରତ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମିଳିତ ସଂଯୋଜନାରେ ଆରମ୍ଭ ହୋଇଥିବା ଶିକ୍ଷକ ତାଲିମ ଶିବିରର ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ପୁରୁଣାକଟକ ସ୍ୱାସ୍ଥ୍ୟକେନ୍ଦ୍ରର ଡା.ମମତା ଦାଶ ଯୋଗ ଦେଇଥିଲେ। ସିଆରସିସି ଧରଣୀଧର ମେହେର ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗଣେଶ୍ୱର ଦାସ ଅତିଥି ଭାବେ ଯୋଗଦେଇ ସୁସ୍ଥ ଓ ସମୃଦ୍ଧ ଭାରତ ଗଠନରେ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ଦାୟିତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତପ୍ରକାଶ କରିଥିଲେ। ଶିବିରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହୋଇ କିପରି ଶାରୀରିକ ଓ ମାନସିକ ସୁସ୍ଥ ରହି ଶିକ୍ଷା କ୍ଷେତ୍ରରେ ଅଗ୍ରସର ହେବେ ସେ ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।

# ଚିତ୍ତରଞ୍ଜନ ସଭାପତି, ନାରାୟଣ ସମ୍ପାଦକ

**ବଲାଙ୍ଗୀର ଅଫିସ, ୨୭।୩**

**ବଲାଙ୍ଗୀର ଜିଲା ଟ୍ୟାକ୍ସ ବାର୍ ଆସୋସିଏଶନ୍‌ର କର୍ମକର୍ତ୍ତା ନିର୍ବାଚନ**

୨୦୨୨-୨୩ ବର୍ଷ ପାଇଁ ବଲାଙ୍ଗୀର ଜିଲା ଟ୍ୟାକ୍ସ ବାର ଆସୋସିଏଶନ୍‌ର କର୍ମକର୍ତ୍ତା ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଥିଲା। ନିର୍ବାଚନରେ ଆସୋସିଏଶନ ସଭାପତି ଆଡଭୋକେଟ୍ ଚିତ୍ତରଞ୍ଜନ ଦାଶ ଓ ସମ୍ପାଦକ ଭାବେ ଆଡଭୋକେଟ ନାରାୟଣ ଦାଶ ନିର୍ବାଚିତ ହୋଇଥିଲେ। ଉପସଭାପତି ମହେନ୍ଦ୍ର କୁମାର ଅଗ୍ରୱାଲ, ସହସମ୍ପାଦକ ଶଶାଙ୍କ ପଟ୍ଟନାୟକ, କୋଷାଧକ୍ଷ ଭାବେ ପ୍ରକାଶ ଚନ୍ଦ୍ର ମହାପାତ୍ର ନିର୍ବାଚିତ ହୋଇଥିଲେ। କାର୍ଯ୍ୟନିର୍ବାହୀ କମିଟିରେ ବିଶ୍ୱଜିତ ନାୟକ, ଗଣେଶ ପ୍ରସାଦ ଦୀକ୍ଷିତ, ଅଶୋକ କୁମାର ଦାଶ, ଶାନ୍ତନୁ କୁମାର ଭୋଇ, ପ୍ରଭଞ୍ଜନ ହୋତା, ନିଖିଳ ବହିଦାର ନିର୍ବାଚିତ ହୋଇଥିବା ସୂଚନା ଦିଆଯାଇଛି।





ସଭାପତି ଚିତ୍ତରଞ୍ଜନ ଦାଶ। ସମ୍ପାଦକ ନାରାୟଣ ଦାଶ।

# ସରକାରୀ ଯୋଜନାର ସଫଳ ରୂପାୟନ କର

**ଦେଓଗାଁ,୨୭।୩ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବନ୍ଧପଡା ଆମ୍ରକାନନଠାରେ ନବ ନିର୍ବାଚିତ ସରପଞ୍ଚ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବନ୍ଧପଡା ସରପଞ୍ଚ ଗୋପାଳ ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ ପଞ୍ଚାୟତ ସମିତି ଅଧକ୍ଷ ଦୟାନିଧି ଖମାରୀ, ଜିଲା ପରିଷଦ ସଭ୍ୟ ମମତା କୁମୁରା, ବିଜେଡି ବ୍ଲକ ସଭାପତି ସୁଶୀଲ କୁମାର ଚାନ୍ଦ, ସମସ୍ତ ସରପଞ୍ଚ ଉପସ୍ଥିତ ଥିଲେ । ବୈଠକରେ ପୂର୍ବତନ ସରପଞ୍ଚମାନଙ୍କୁ ଉପଢୌକନ ଦେଇ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଥିଲା। ସରପଞ୍ଚ ସଂଘର ପ୍ରଥମ ବୈଠକରେ ପଞ୍ଚାୟତଗୁଡିକର ବିଭିନ୍ନ କାର୍ଯ୍ୟଶୈଳୀ ଉପରେ ଆଲୋଚନା ହୋଇଥିଲା । ବ୍ଲକର ୨୬ ପଞ୍ଚାୟତରେ ସରକାରୀ ଯୋଜନାଗୁଡିକୁ ଠିକ୍‌ଭାବେ ପରିଚାଳନା କରିବାକୁ ନବନିର୍ବାଚିତ ସରପଞ୍ଚମାନଙ୍କୁ ପରାମର୍ଶ ଦିଆଯାଇଥିଲା। ପରେ ଏକ କମିଟି ଗଠନ ପାଇଁ ବ୍ରାହ୍ମଣୀଯୋର ସରପଞ୍ଚ ମହେନ୍ଦ୍ର ମଲ୍ଲିକ ପ୍ରସ୍ତାବ ଆଗତ କରିଥିଲେ। ସର୍ବସମ୍ମତିକ୍ରମେ ବନ୍ଧପଡା ସରପଞ୍ଚ ଗୋପାଳ ଚନ୍ଦ୍ର ମିଶ୍ର ସଭାପତି, ଦେଓଗାଁ ସରପଞ୍ଚ ନୀନା ଛତ୍ରିଆ ଉପସଭାପତି, ବଡବାହାଲ ସରପଞ୍ଚ ଜ୍ୟୋତ୍ସ୍ନାମୟୀ ରଣା ସମ୍ପାଦକ ଓ ହାତୀସରା ସରପଞ୍ଚ କେଲୋ ଡାଙ୍ଗ କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ସିଙ୍ଗାମୁଣ୍ଡା ସରପଞ୍ଚ ଜାହ୍ନବୀ ମାହାଣା ଧନ୍ୟବାଦ ଦେଇଥିଲେ।



ସଂଘ ଗଠନ ଅବସରରେ ନବ ନିର୍ବାଚିତ ସରପଞ୍ଚମାନେ।

**ଦେଓଗାଁ ସରପଞ୍ଚ ସଂଘ ଗଠିତ**

## କଳାହାଣ୍ଡି ଜିଲା ଅଭିଭାବକ ସମ୍ମିଳନୀ

**କର୍ଲାମୁଣ୍ଡା,୨୭।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ଓ ମ. ରାମପୁର ବ୍ଲକ ସୀମାନ୍ତ ଶାନ୍ତିବନଠାରେ ଭୁବନେଶ୍ୱରସ୍ଥିତ ନବଜ୍ୟୋତି ବିଜ୍ଞାନ କଲେଜ ପକ୍ଷରୁ ଜିଲାର ଅଭିଭାବକମାନଙ୍କୁ ନେଇ ଏକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଶାନ୍ତନୁ କୁମାର ମହାପାତ୍ର, ଉପାଧକ୍ଷ ତଥାଜନସମ୍ପର୍କ ଅଧିକାରୀ ଭାସ୍କର ଚନ୍ଦ୍ର ପ୍ରଧାନ, ପ୍ରିନ୍ସିପାଲ ଅଶିଷ କୁମାର ସାହୁ, ଧୃତି ସୁନ୍ଦର ଜେନା, ରଶ୍ମିରଞ୍ଜନ ବରାଳ, ଜିଲା ଦାୟିତ୍ୱରେ ଥିବା ଜନସମ୍ପର୍କଅଧିକାରୀ ଅନିରୁଦ୍ଧ ବାଗ ପ୍ରମୁଖ ଅଭିଭାବକମାନଙ୍କ ସହିତ ଆଲୋଚନା କରିଥିଲେ। ଏହିଅବସରରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ସମ୍ମାନିତ କରାଯାଇଥିଲା। ଅଭିଭାବକ ସୁଦାମ ବାରିକ, ଲମ୍ବୋଦର ସାହୁ, ପ୍ରଦୀପ କୁମାର ସାହୁ, ପ୍ରସନ୍ନ କୁମାର ସାହୁ ଓ ଅନ୍ୟମାନେ ସହଯୋଗ କରିଥିଲେ।

## ପ୍ରତ୍ୟେକ ବସ୍‌ଷ୍ଟାଣ୍ଡରେ ଶୌଚାଳୟ ନିର୍ମାଣ ଦାବି

**ନୂଆପଡ଼ା ଅଫିସ,୨୭।୩**

ନୂଆପାଡା ଜିଲାରେ ୩୫୩ ଜାତୀୟ ରାଜପଥ ଉପରେ ୨୦ରୁ ଊର୍ଦ୍ଧ୍ୱ ଛୋଟବଡ ବସଷ୍ଟାଣ୍ଡ ରହିଛି। କୌଣସି ବସଷ୍ଟାଣ୍ଡରେ ଶୌଚାଳୟ, ପରିଶ୍ରାଗାର କିମ୍ବା ଯାତ୍ରୀ ବିଶ୍ରାମାଗାର ନ ଥିବାରୁ ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଜିଲାର ଛତିଶଗଡ ବୋର୍ଡ ଖରିଆର ରୋଡଠାରୁ ଆରମ୍ଭ କରି ତୁକଲା ପର୍ଯ୍ୟନ୍ତ ନୂଆପଡା ବସଷ୍ଟାଣ୍ଡରେ ଏକ ଘରୋଇ ଶୌଚାଳୟ ରହିଥିବା ବେଳେ ଖଡିଆଳ ବସଷ୍ଟାଣ୍ଡରେ ଏନ୍‌ଏସି ପକ୍ଷରୁ ନିର୍ମାଣ ହୋଇଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇନାହିଁ। ଫଳରେ ବସଷ୍ଟାଣ୍ଡକୁ ଆସୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲାର ଖରିଆର ରୋଡ, ସିଲଧା, ଟାୱାଟ, ଧାମନପୁରି, ଘାଟିପଡା, କୁରୁମପୁରି, ବାଞ୍ଜିବାହାଲ, ପଲସିପାଣି, ବଞ୍ଜାରୀ, ତରବୋଡ, ମାନିଗୁଡା, ଜଡାମୁଣ୍ଡା, ଉଦ୍ୟାନବନ୍ଦ, କ୍ରିଷ୍ଟା, ଘୋଟସର, କୋମନା, ବିଲେଇଅଞ୍ଜର, ପେଣ୍ଡରାବନ, ଧରମସାଗର, ହରିପୁର, ତିଖାଲି, ବଡମହେଶ୍ୱର, ତୁକଲା ଇତ୍ୟାଦି ଗାଁର ବସଷ୍ଟାଣ୍ଡ ରହିଛି। ଯାତ୍ରୀ ବିଶ୍ରାମାଗାର ନ ଥିବାରୁ ଦୂରଦୁରାନ୍ତରୁ ଆସୁଥିବା ଯାତ୍ରୀମାନଙ୍କୁ ହଇରାଣ ହେବାକୁ ପଡୁଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ପ୍ରତ୍ୟେକ ବସଷ୍ଟାଣ୍ଡରେ ଏହି ସବୁ ସୁବିଧା କରିବା ପାଇଁ ସାଧାରଣରେ ଦାବି ହେଉଛି।

# ବାକିଥିବା ଅଧୁରା କାର୍ଯ୍ୟ ପୂର୍ଣ୍ଣ କରିବା ଲକ୍ଷ୍ୟ




ଶୋଭାଯାତ୍ରାରେ ଏମପିଙ୍କ ସହିତ ସମର୍ଥକମାନେ।

**ନୂଆପଡ଼ା ଅଫିସ,୨୭।୩**

ନୂଆପଡା ଜିଲା ଖରିଆର ରୋଡ ବିଜ୍ଞାପିତ ଅଞ୍ଚଳ ପରିଷଦରେ ନବନିର୍ବାଚିତ ଅଧକ୍ଷ ସୋନିଆ ଜୈନ ବିଜୟୀ ହେବା ପରେ ନିଜ ସମର୍ଥକଙ୍କ ସହିତ ଏକ ବିଜୟ ଶୋଭାଯାତ୍ରା କରିଛନ୍ତି। ଏହି ଅବସରରେ ଖରିଆର ରୋଡ ବିଜ୍ଞାପିତ ଅଞ୍ଚଳ ପରିଷଦର ପୂର୍ବରୁ ବାକିଥିବା ଅଧୁରା କାର୍ଯ୍ୟ ପୂର୍ଣ୍ଣ କରିବା ସହିତ ବିକାଶ, ସ୍ୱଚ୍ଛ, ନିର୍ମଳ ଓ ସବୁଜ ସୁନ୍ଦର ଖରିଆର ରୋଡ ଭାବେ ଗଢି ତୋଳିବି ବୋଲି ନବନିର୍ବାଚିତ ଅଧକ୍ଷ ଜୈନ ତାଙ୍କ ପ୍ରତିକ୍ରିୟାରେ କହିଥିଲେ। ନିଜ ବାସଗୃହଠାରୁ ଏକ ଶୋଭାଯାତ୍ରାରେ ବାହାରି ଖରିଆର ରୋଡ ସହର ପରିକ୍ରମା କରିବା ସହିତ ୧୯ ୱାର୍ଡର ପ୍ରତ୍ୟେକ ଗଳି କନ୍ଦି ବୁଲି ନିଜର ସମର୍ଥକ ଭୋଟର ପାଖରେ ପହଞ୍ଚିଥିଲେ। ଭୋଟରମାନେ ନବନିର୍ବାଚିତ ଅଧକ୍ଷାଙ୍କୁ ସ୍ୱାଗତ ଜଣାଇଥିଲେ। ବିଜୟ ଶୋଭାଯାତ୍ରାରେ କଳାହାଣ୍ଡି ଏମପି ବସନ୍ତ ପଣ୍ଡା, ପ୍ରସନ୍ନ କୁମାର ପାଢୀ, ଯଦୁମଣି ପାଣିଗ୍ରାହୀ, ଅଭିନନ୍ଦନ ପଣ୍ଡା, ସୋମନାଥ ଅଗ୍ରୱାଲ, ହୋମସିଂ ମାଝି, ସୁବ୍ରତ ଠାକୁର ଓ ଭାଜପା ସମର୍ଥକ ଉପସ୍ଥିତ ରହିଥିଲେ।

# ପ୍ରତିଷ୍ଠାର ୫ବର୍ଷ ମଧ୍ୟରେ ମିଳିଥିଲା ପରୀକ୍ଷା କେନ୍ଦ୍ର ମାନ୍ୟତା

**ବଲାଙ୍ଗୀର ଅଫିସ,୨୭।୩**

**ମହାଲିଙ୍ଗ କଲେଜକୁ ଅହେତୁକ ସରକାରୀ ଅନୁକମ୍ପା**

କଳାହାଣ୍ଡି ଜିଲା ମହାଲିଙ୍ଗସ୍ଥିତ ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେରଙ୍କ ହତ୍ୟା ଘଟଣା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଏହି ଜଘନ୍ୟ ହତ୍ୟାକାଣ୍ଡରେ ଶାସକ ଦଳ ନେତାଙ୍କ ସମ୍ପୃକ୍ତିର ଅଭିଯୋଗ ଉଠିଥିଲା। ଏହିକ୍ରମରେ ଉକ୍ତ ଘରୋଇ ସ୍କୁଲ ମହାଲିଙ୍ଗ ମହାବିଦ୍ୟାଳୟ ପରିସରରେ ଥିବାରୁ ଭିନ୍ନ ଚର୍ଚ୍ଚାକୁ ଖୋରାକ ଯୋଗାଇଥିଲା। ଉକ୍ତ ମହାବିଦ୍ୟାଳୟ ପ୍ରତି ଅହେତୁକ ସରକାରୀ ଅନୁକମ୍ପାର ଅଭିଯୋଗ ଉଠିଥିଲା। ବଲାଙ୍ଗୀରର ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡା ସୂଚନା ଅଧିକାର ଆଇନ ସହାୟତାରେ ଏ ସମ୍ପର୍କରେ ସୂଚନା ମାଗିଥିଲେ। ତାଙ୍କୁ ମିଳିଥିବା ତଥ୍ୟରୁ ଜଣାପଡିଛି ଯେ, ସମଗ୍ର ରାଜ୍ୟରେ ମହାବିଦ୍ୟାଳୟ ପ୍ରତିଷ୍ଠା ହେବାର ପାଞ୍ଚବର୍ଷ ମଧ୍ୟରେ ପରୀକ୍ଷା କେନ୍ଦ୍ରର ମାନ୍ୟତା କେବଳ ମହାଲିଙ୍ଗ କଲେଜକୁ ହିଁ ମିଳିଥିଲା। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଓଡିଶା ପକ୍ଷରୁ ସୂଚନା କର୍ମୀ ପଣ୍ଡାଙ୍କୁ ଏହି ତଥ୍ୟ ପ୍ରଦାନ କରାଯାଇଛି । ତେବେ ମହାଲିଙ୍ଗ କଲେଜକୁ ପରୀକ୍ଷା କେନ୍ଦ୍ରରେ ପରିଣତ କରିବା ପାଇଁ କିଏ ସୁପାରିଶ କରିଥିଲେ ଏହି ତଥ୍ୟ ପରିଷଦ କାର୍ଯ୍ୟାଳୟରେ ମିଳିପାରୁ ନାହିଁ ବୋଲି କୁହାଯାଇଛି ।

ମହାଲିଙ୍ଗ କଲେଜରେ ୨୦୧୩ ମସିହାରେ ଫିଜିକ୍ସ ଓ କେମିଷ୍ଟ୍ରି ପ୍ରଶ୍ନପତ୍ର ଲିକ୍ ହୋଇଥିଲା । ପ୍ରଶ୍ନପତ୍ର ଲିକ୍‌କୁ ନେଇ ୮ ମାର୍ଚ୍ଚ ୨୦୧୩ରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ପରୀକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମାର୍ଚ୍ଚ ୭ରେ ହୋଇଥିବା ଫିଜିକ୍ସ ପରୀକ୍ଷାକୁ ବାତିଲ କରାଯାଇଥିବା ବେଳେ ମାର୍ଚ୍ଚ ୯ରେ ହେବାକୁ ଥିବା କେମିଷ୍ଟ୍ରି ପରୀକ୍ଷାକୁ ମାର୍ଚ୍ଚ ୩୦କୁ ଘୁଞ୍ଚାଇ ଦିଆଯାଇଥିଲା । କିନ୍ତୁ ପରୀକ୍ଷା କମିଟି ବୈଠକରେ ପାସ୍ କରାଯାଇଥିବା ପ୍ରସ୍ତାବରେ ପରୀକ୍ଷା କେନ୍ଦ୍ର ବିଷୟରେ ଶବ୍ଦଟିଏ ମଧ ଉଲ୍ଲେଖ ନାହିଁ। ସୂଚନା କର୍ମୀ ପଣ୍ଡା ପୁଣି ଉଲ୍ଲେଖ କରିଛନ୍ତି ଯେ, ଗୋଲାମୁଣ୍ଡା ବ୍ଲକରେ ମହାଲିଙ୍ଗ ଅବସ୍ଥିତ। ଗୋଲାମୁଣ୍ଡା ବ୍ଲକ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନଗୁଡିକୁ ଗତ ପାଞ୍ଚବର୍ଷ ମଧ୍ୟରେ ଅର୍ଥାତ୍ ୨୦୧୫-୧୬ ବର୍ଷରୁ ୨୦୨୦-୨୧ ବର୍ଷ ମଧ୍ୟରେ ପଶ୍ଚିମ ଓଡିଶା ବିକାଶ ପରିଷଦ ପକ୍ଷରୁ ସମୁଦାୟ ୨କୋଟି ୨୯ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଛି। ସେଥିରୁ କେବଳ ମହାଲିଙ୍ଗ ଆଞ୍ଚଳିକ ମହାବିଦ୍ୟାଳୟ ଓ ଡିଗ୍ରୀ କଲେଜକୁ ୬୫ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଛି। ଏକ ପଛୁଆ ଅଞ୍ଚଳର ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନଗୁଡିକ ବିକାଶ ପରିଷଦ ଅନୁଦାନ ପାଇବା ପାଇଁ ଚାହିଁ ରହିଥିବା ବେଳେ ଏହି ନିର୍ଦ୍ଦିଷ୍ଟ ମହାଲିଙ୍ଗ କଲେଜକୁ ସର୍ବାଧିକ ରାଶି ପ୍ରଦାନ କରାଯିବା ସରକାରୀ ପ୍ରିୟାପ୍ରୀତି ତୋଷଣର ନଗ୍ନ ରୂପ ବୋଲି ପଣ୍ଡା କହିଛନ୍ତି। ବିକାଶ ପରିଷଦ ଅନୁଦାନ ଟଙ୍କାରେ ନିର୍ମାଣ କରାଯାଇଥିବା ଖେଳ ପଡିଆରେ ମମିତାଙ୍କୁ ପୋଡି ପୋତି ଦିଆଯାଇଥିବା ଭଳି ସମ୍ବେଦନଶୀଳ ଖବର ଲୋକଲୋଚନକୁ ଆସିଥିଲା । ସରକାରୀ ବ୍ୟବସ୍ଥା ସହିତ ହତ୍ୟାକାଣ୍ଡର ଅଭିଯୁକ୍ତଙ୍କ ନିବିଡ ସମ୍ପର୍କ ଥିବା ଏହି ସବୁ ତଥ୍ୟରୁ ସ୍ପଷ୍ଟ ହୋଇଛି ବୋଲି ପଣ୍ଡା କହିଛନ୍ତି। ଏହି ମହାବିଦ୍ୟାଳୟକୁ ସରକାରୀ ବ୍ୟବସ୍ଥାର ନିକଟତର କରିବା ପାଇଁ ଯେଉଁମାନଙ୍କର ହାତ ରହିଛି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପଣ୍ଡା ଦାବି କରିଛନ୍ତି।

## ଯୌତୁକ, ବାଲ୍ୟବିବାହ ନିରୋଧୀ ସଚେତନତା

ବିନିକା,(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ କୁହିବାହାଲ ଉଚ୍ଚ ବିଦ୍ୟାଳୟରେ ଯୌତୁକ ଓ ବାଲ୍ୟବିବାହ ନିରୋଧ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ମୂରଲୀଧର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସହକାରୀ ଜିଲାପାଳ ଅଭିଲାଷ ପୁରୋହିତ, ରାମପୁର ଥାନାଧିକାରୀ ସତ୍ୟନାରାୟଣ ପଧାନ, କୁହିବାହାଲ ସରପଞ୍ଚ ସୁଦାମ ପଧାନ, ଆଇସିଡିଏସ ସୁପରଭାଇଜର ଇଲାବତୀ ଭୋଇ, ବିନିକା ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ହେମସାଗର କାଲସାଏ, ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘମିତ୍ରା ଦାଶ ଯୋଗଦେଇଥିଲେ। ପରେ ହାଇସ୍କୁଲ ଦଶମ ଶ୍ରେଣୀ ଛାତ୍ରୀମାନେ ବାଲ୍ୟ ବିବାହ ଉପରେ କ୍ଷୁଦ୍ର ନାଟକ ଏବଂ ସଚେତନତା ନୃତ୍ୟ ପରିବେଷଣ କରିଥିଲେ।

### ସଂକ୍ଷେପରେ

## ପୋଲିସକୁ ମାଡ଼ ମାମଲା: ପୁଣି ୨ଗିରଫ



ବରଗଡ଼ ଅଫିସ୍,୨୭।୩: ବରଗଡ଼ ଜିଲା ଗାଇସିଲେଟ ଥାନା ଶରଧାପାଲି କଲେଜ ସମ୍ମୁଖରେ ଗତ କିଛିଦିନ ତଳେ ସଂଘଟିତ ଦୁର୍ଘଟଣାରେ କଲେଜ ଛାତ୍ରୀଙ୍କ ମୃତ୍ୟୁକୁ କେନ୍ଦ୍ର କରି ପୋଲିସକୁ ମାଡ଼ ମାମଲାରେ ରବିବାର ପୁଣି ୨ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି । ଗିରଫ ଅଭିଯୁକ୍ତ ହେଲେ ଗାଇସିଲେଟ ଥାନା ନୂଆପାଲି ଗ୍ରାମର ଭଗବାନ ଓରଫ୍ ବିଞ୍ଝାଲୁ ସାହୁ ଏବଂ ଜୟକୁମାର ଓରଫ ଯୋଗେଶ୍ୱର ଉଡୁକା। ଏହି ମାମଲାରେ ଗିରଫଦାରୀ ସଂଖ୍ୟା ୧୨ରେ ପହଞ୍ଚିଛି। ଅଭିଯୁକ୍ତଙ୍କ ବିରୋଧରେ ଏକ ମାମଲା (ନଂ.୫୭/୨୨) ରୁଜୁ ହୋଇଛି। ପ୍ରକାଶଥାଉକି, ଘଟଣାଦିନ ନୂଆପାଲି ଗ୍ରାମର ଜଣେ ଛାତ୍ରୀ କଲେଜରୁ ସାଇକେଲ ଯୋଗେ ଫେରୁଥିବାବେଳେ ଏକ ଟ୍ୟାଙ୍କର ଚାପାରେ ତାଙ୍କର ମୃତ୍ୟୁ ହୋଇଥିଲା । ଘଟଣାକୁ ନେଇ ଉତ୍ତେଜନା ଦେଖାଯାଇଥିଲା। ସେଠାକୁ ପହଞ୍ଚିଥିବା ପୋଲିସ କର୍ମଚାରୀଙ୍କୁ କିଛି ଉତ୍ତେଜିତ ଲୋକ ଆକ୍ରମଣ ସହିତ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା।

## ସୁଧାଂଶୁ ବିନିକା ଓକିଲ ସଂଘ ସଭାପତି

ବିନିକା,୨୭।୩(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବିନିକା ଓକିଲ ସଂଘ ସଭାପତିଭାବେ ବରିଷ୍ଠ ଆଇନଜୀବୀ ସୁଧାଂଶୁ ଶେଖର ଦାଶ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି। ଉପସଭାପତି ଦେବରାଜ ମେହେର, ସମ୍ପାଦକ ହରିବଂଶ ମେହେର, ସହସମ୍ପାଦକ ଜୟପ୍ରକାଶ ପଧାନ, କୋଷାଧ୍ୟକ୍ଷ ବୀରେନ୍ଦ୍ର ପୋଢ, ଗ୍ରନ୍ଥାଗାରଭାବେ ନିରଞ୍ଜନ ମେହେର ନିର୍ବାଚିତ ହୋଇଛନ୍ତି।

## ସ୍କାଏ ଲାଇଟ ଭାଙ୍ଗି କିରାନା ଦୋକାନରୁ ଚୋରି

ବାଉଁଶୁଣୀ,୨୭।୩(ଡି.ଏନ.ଏ.): ସ୍କାଏଲାଇଟ ଭାଙ୍ଗି ମନମୁଣ୍ଡା ଥାନା ଛକରେ ଥିବା ଶ୍ରୀଜଗନ୍ନାଥ କିରାନା ଦୋକାନରୁ ଗତ ଶୁକ୍ରବାର ରାତିରେ ଚୋରି ହୋଇଯାଇଛି । ଦୋକାନରୁ କେବଳ ୫ ହଜାର ଟଙ୍କା ଚୋରି ହୋଇଥିବା ଦୋକାନ ମାଲିକ ଆକାଶ ମେହେର ରବିବାର ଥାନାରେ ଅଭିଯୋଗ କରିଛନ୍ତି। ଥାନା ଠାରୁ ମାତ୍ର ୫୦ ମିଟର ଦୂରରେ ଏହି ଦୋକାନ ରହିଛି। ପାଖରେ ଥାନା ଥାଇ ବି ଦୋକାନରୁ ଚୋରି ହେବା ପୋଲିସର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି । ମନମୁଣ୍ଡା ଅଞ୍ଚଳରେ କେତେକ ନାବାଳକ ନିଶା ସେବନ କରି ବିଳମ୍ବିତ ରାତି ପର୍ଯ୍ୟନ୍ତ ରାସ୍ତାରେ ବୁଲାବୁଲି କରୁଛନ୍ତି । ଏହି ଚୋରି ପଛରେ ସେମାନଙ୍କ ସଂପୃକ୍ତି ଥିବା ଆଶଙ୍କାକୁ ଏଡାଇ ଦିଆଯାଇ ପାରୁନାହିଁ। କିଛି ଦିନ ହେବ ମନମୁଣ୍ଡା ସଦର ଥାନା ଅଞ୍ଚଳରେ ଚୋରି ବୃଦ୍ଧି ପାଇବାରେ ଲାଗିଛି। କିଛି ଦିନ ତଳେ ମନମୁଣ୍ଡାରେ ନିର୍ମାଣାଧୀନ ଡାକଘରୁ କେତେଦିନ ଅନ୍ତରାଳରେ ୩ ଟି ପାଣି ପମ୍ପ ମୋଟର, ମନମୁଣ୍ଡା ବାଇପାସ କଡରେ ମେଗା ଜଳସେଚନ ପାଇଁ ଯାଇଥିବା ବିଦ୍ୟୁତ ତାର ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। କିନ୍ତୁ ଏହି ଘଟଣାରେ ପୋଲିସ ଆଜି ପର୍ଯ୍ୟନ୍ତ କାହାରିକୁ ଧରିବାରେ ସକ୍ଷମ ହୋଇନାହିଁ ।

## ନୂତନ ପେନ୍‌ସନ ଯୋଜନାକୁ ବିରୋଧ

ବରଗଡ଼ ଅଫିସ୍,୨୭।୩: ବରଗଡ଼ ଜିଲା ଅତାବିରା ବ୍ଲକ ଦେବାହାଲ ନୋଡ଼ାଲ ଉଚ୍ଚ ପ୍ରାଥମିକ ସ୍କୁଲରେ ରବିବାର ଉକ୍ତ ବ୍ଲକର ସମସ୍ତ ନୂତନ ପେନ୍‌ସନ ଯୋଜନାଭୁକ୍ତ ଶିକ୍ଷକମାନଙ୍କର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ବିରେନ୍ଦ୍ର କୁମାର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଭେଡ଼େନ ବ୍ଲକ ତଥା ବରଗଡ଼ ପ୍ରାଥମିକ ଶିକ୍ଷକ ସଂଘ(ଏନ୍‌ପିଏସ୍)ର ସଭାପତି ଭରଦ୍ୱାଜ ପ୍ରଧାନ ଉପସ୍ଥିତ ରହି ନୂତନ ପେନଶନ ଯୋଜନାର ନକରାତ୍ମକ ପ୍ରଭାବକୁ ଉପସ୍ଥାପନ କରିଥିଲେ। ବ୍ଲକ ସମ୍ପାଦକ ପ୍ରକାଶ ଚନ୍ଦ୍ର ଦୋରା, ଶିକ୍ଷକ ସନାତନ ସୁନା, ମନୋରଞ୍ଜନ ମିଶ୍ର, ଲୋକନାଥ ମହାନନ୍ଦ, ହାରାଧନ ବନଛୋର, ଅବସରପ୍ରାପ୍ତ ଶିକ୍ଷକ ଶେଷଦେବ ନାୟକ ଯୋଗଦାନ କରି ନୂତନ ଓ ପୁରୁଣା ପେନଶନ ଯୋଜନା ଉପରେ ଆଲୋକପାତ କରିଥିଲେ। ସଭାରେ ନୂତନ ପେନଶନ ଯୋଜନାକୁ ବିରୋଧ କରାଯାଇଥିଲା।

# ୨୦ ଘଣ୍ଟା ପଡ଼ି ରହିଲା ମୃତଦେହ

ବରଗଡ଼ ଅଫିସ୍,୨୭।୩

ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ମହାପ୍ରୟାଣ ଗାଡ଼ି ଅଭାବରୁ ବ୍ୟବଚ୍ଛେଦ ପାଇଁ ଯାଇ ନ ପାରି ଘଣ୍ଟା ଘଣ୍ଟା ଧରି ମୃତଦେହ ପଡ଼ି ରହୁଛି। ରବିବାର ଏଭଳି ଘଟଣା ଦେଖିବାକୁ ମିଳିଥିଲା। ଏହାକୁ ନେଇ ସଚେତନ ନାଗରିକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି ।

ପ୍ରକାଶ ଯେ, ଶନିବାର ସୋହେଲା ବ୍ଲକ ବାରୁପାଲି ଗ୍ରାମର ଅଶୋକ ପଟେଲ କୀଟନାଶକ ପିଇ ଦେବାରୁ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅପରାହ୍ନ ପ୍ରାୟ ୩ଟାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଜିଲା ମୁଖ୍ୟ ଡାକ୍ତରଖାନାରୁ ପ୍ରାୟ ୭କି.ମି ଦୂର ବରଗଡ଼ ସହର ସ୍ଥିତ ପୁରୁଣା



ଜିଲା ମୁଖ୍ୟ ଡାକ୍ତରଖାନା ପରିସରରେ ପଡ଼ି ରହିଥିବା ମୃତଦେହ।

ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ ଗୃହ ଥିବାବେଳେ ଗାଡ଼ି ଯୋଗାଡ଼ କରି ନ ପାରିବାରୁ ପରିବାର ଲୋକେ ସେଠାକୁ ମୃତଦେହ ନେଇ ପାରି ନ ଥିଲେ। ଏପରିକି ଡାକ୍ତରଖାନା, ପୋଲିସ କର୍ମଚାରୀ ତାହା ଜାଣିବା ସତ୍ତ୍ୱେ ସେଥିପାଇଁ ଗାଡ଼ି ବ୍ୟବସ୍ଥା କରି ପାରି ନ ଥିଲେ ଏବଂ ମୃତଦେହ ରବିବାର ଦିନ ୧୧ଟା ପର୍ଯ୍ୟନ୍ତ ଜିଲା ମୁଖ୍ୟ ଡାକ୍ତରଖାନା ପରିସରରେ ପଡ଼ି ରହିଥିଲା। ସେହିପରି ବିଜେପୁର ବ୍ଲକ ଅନ୍ତର୍ଗତ ସାଲେପାଲି ଗ୍ରାମର ଗହଳ ଭୁଏଙ୍କ ମଧ୍ୟ ବାର୍ଦ୍ଧକ୍ୟଜନିତ ରୋଗ କାରଣରୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା ଏବଂ ମୃତଦେହ ପଡ଼ି ରହିଥିଲା। ଏହା ଜାଣିବା ପରେ ସଂକଳ୍ପ ପରିବାରର ସଂଯୋଜକ ବିକାଶ ଅଗ୍ରୱାଲ ସେଠାକୁ ପହଞ୍ଚି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅରୁଣ କୁମାର ପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଏବଂ ଏହାପରେ ମୃତଦେହ ନେବା ପାଇଁ ଗାଡ଼ି ବ୍ୟବସ୍ଥା କରାଯାଇଥିଲା।

## ସହର ପରିକ୍ରମା କଲା ବିଜେଡିର ବିଜୟ ରାଲି



ନବନିର୍ବାଚିତ ପୌରାଧକ୍ଷା ଓ କାଉନସିଲରଙ୍କ ସହ ବରିଷ୍ଠ ନେତା ଓ ସମର୍ଥକ ସହର ପରିକ୍ରମା କରୁଛନ୍ତି।

ବଲାଙ୍ଗୀର ଅଫିସ,୨୭।୩

**ନବନିର୍ବାଚିତ ପୌରାଧକ୍ଷା, କାଉନସିଲରଙ୍କ ସହ ବୁଲିଲେ ଅନଙ୍ଗ, ଅର୍କେଶ**

ପୌର ନିର୍ବାଚନରେ ବିଜୟ ପରେ ବିଜେଡି ପକ୍ଷରୁ ରବିବାର ସନ୍ଧ୍ୟାରେ ବଲାଙ୍ଗୀର ସହରରେ ବିଜେଡିର ବିଜୟ ରାଲି ପରିକ୍ରମା କରିଛି। ସୁଦପଡା ହନୁମାନ ମନ୍ଦିରରୁ ନବନିର୍ବାଚିତ ପୌରାଧକ୍ଷା ଲିକା ସାହୁ, ବିଜେଡିର ସମସ୍ତ ବିଜୟୀ କାଉନସିଲରଙ୍କ ସହ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ, ଯୁବନେତା ଅର୍କେଶ ନାରାୟଣ ସିଂଦେଓ, ବିଜେଡି ନେତା ଦୁର୍ଗା ବେହେରା, ବୁଲୁ ବେହେରା, ଦେଓଗାଁ ବ୍ଲକ ଅଧକ୍ଷ ଦୟାନିଧି ଖମାରୀ, ଗୋଲାପ ବାଗ ସାମିଲ ହୋଇଥିଲେ। ରାଲିରେ ବିଜେଡିର ଶତାଧିକ କର୍ମୀ, ସମର୍ଥକ ସୁଦପଡା ହନୁମାନ ମନ୍ଦିରରୁ ପାଟଣେଶ୍ୱରୀ ମନ୍ଦିର, ସମଲେଶ୍ୱରୀ ମନ୍ଦିର, ମେନ୍‌ମାର୍କେଟ, କଚେରୀ ଛକ, ଭାଗିରଥି ଛକ, ପିପି ଏକାଡେମୀ ଛକ, ବିକ୍ରମ ଛକ ଦେଇ ସହର ପରିକ୍ରମା କରିଥିଲେ। ବଲାଙ୍ଗୀରବାସୀ ବିପୁଳ ସଂଖ୍ୟାରେ ବିଜୟୀ କରିଥିବାରୁ ବିଜେଡି ପୌରାଧକ୍ଷା ଲିକା ସାହୁ ଏବଂ ୧୬ ଜଣ କାଉନସିଲର ସହରବାସୀଙ୍କୁ କୃତଜ୍ଞତା ଜଣାଇଥିଲେ। ଆଗାମୀ ଦିନରେ ବଲାଙ୍ଗୀର ପୌରପାଳିକାରେ ଉନ୍ନୟନ କାମକୁ ତ୍ୱରାନ୍ୱିତ କରାଯିବ ଏବଂ ସ୍ୱଚ୍ଛତା ଉପରେ ଧ୍ୟାନ ଦିଆଯିବ ବୋଲି ଅନଙ୍ଗ ଉଦୟ ସିଂଦେଓ କହିଥିଲେ। ଲୋକଙ୍କ ଆଶା ପୂରଣ କରିବା ଦିଗରେ ପୌର ପରିଷଦ କାମ କରିବେ ବୋଲି ଯୁବନେତା ଅର୍କେଶ ନାରାୟଣ କହିଥିଲେ।

# ନାଟକ ସମାଜକୁ ସଂସ୍କାରିତ କରେ

ସୋନପୁର,୨୭।୩(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ସଂସ୍କୃତି ଭବନରେ ବିଶ୍ୱ ନାଟ୍ୟ ଦିବସ ରବିବାର ପାଳିତ ହୋଇଯାଇଛି। ନାଟ୍ୟଚକ୍ର ଅନୁଷ୍ଠାନ ପକ୍ଷରୁ ଏହି ଅବସରରେ ନାଟ୍ୟଚକ୍ରର ୮ମ ଜନ୍ମଦିବସ ମଧ୍ୟ ପାଳନ ହୋଇଥିଲା। ଅନୁଷ୍ଠାନ ନିର୍ଦ୍ଦେଶକ ମନୋଜ କୁମାର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ନାଟ୍ୟ ଦିବସ ପାଳନର ଲକ୍ଷ୍ୟ ଓ ଆଧୁନିକ ସମାଜରେ ନାଟକର ଆବଶ୍ୟକତା ସମ୍ପର୍କରେ କହିଥିଲେ। ନାଟକ ମାଧମରେ ସମାଜ ସଂସ୍କାରିତ ହୁଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ନାଟ୍ୟଶ୍ରୀ ଗଦାଧର ବାରିକ୍ ଓ ନାଟ୍ୟକାର ଶ୍ୟାମା ଓଁ ପ୍ରସାଦ ମିଶ୍ର ଯୋଗଦେଇ ଦିବସ ପାଳନ ସମ୍ପର୍କରେ କହିଥିଲେ। ଏହି ଅବସରରେ ଲେଖକ ଓ ନାଟ୍ୟ ନିର୍ଦ୍ଦେଶକ ହରିହର ପ୍ରଧାନଙ୍କୁ ନାଟ୍ୟଚକ୍ର ସମ୍ମାନ ପ୍ରଦାନ କରାଯାଇଥିଲା। କୋଶଳ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପକ୍ଷରୁ ଅଙ୍କିତା କଅଁରଙ୍କ ନିର୍ଦ୍ଦେଶନାରେ ପଞ୍ଚରସି ନୃତ୍ୟ ପରିବେଷଣ ହୋଇଥିଲା। ପରେ ଶିଶୁ କଳାକାର ଓଁକାର ପ୍ରସାଦ ବାରିକ୍ ରଘୁପତି ରାଘବ ନୃତ୍ୟ ପରିବେଷଣ କରିଥିଲେ । ସେହିପରି ବିଦୁସ୍ମିତା ଜାଲ ଚାଲ ସଜନୀ ଓ ରାକ୍ଷୀ ମହାପାତ୍ର ସମ୍ବଲପୁରୀଆ ନନୀ ନୃତ୍ୟ ପରିବେଷଣ କରିଥିଲେ। ନାଟ୍ୟଚକ୍ରର ପ୍ରୋଗ୍ରାମ ମ୍ୟାନେଜର ଶିବପ୍ରସାଦ ଗୁରୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଜିଲାର ବହୁ ନାଟ୍ୟ ଅନୁଷ୍ଠାନ ପ୍ରେମୀ ଓ ନାଟ୍ୟକାର ଯୋଗ ଦେଇଥିଲେ।



ନାଟ୍ୟ ନିର୍ଦ୍ଦେଶକ ହରିହର ପ୍ରଧାନଙ୍କୁ ନାଟ୍ୟଚକ୍ର ସମ୍ମାନ ପ୍ରଦାନ କରାଯାଉଛି।

**ସୁବର୍ଣ୍ଣପୁରରେ ବିଶ୍ୱ ନାଟ୍ୟ ଦିବସ ପାଳିତ**

**■ହରିହର ପ୍ରଧାନଙ୍କୁ ନାଟ୍ୟଚକ୍ର ସମ୍ମାନ**

## ବିଶ୍ୱ ନାଟକ ଦିବସ ପାଳିତ

ପଦ୍ମପୁର,୨୭।୩(ଡି.ଏନ.ଏ)

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଢୋଲବନ୍ଧ ଗ୍ରାମର 'ସଚେତନ ହେମା' ନାଟ୍ୟ ଅନୁଷ୍ଠାନ ତରଫରୁ ରବିବାର ବିଶ୍ୱ ନାଟକ ଦିବସ ପାଳିତ ହୋଇଛି। ଏଥିରେ ବାରିପଦା ବିଶ୍ୱ ବିଦ୍ୟାଳୟ ଶିକ୍ଷା ବିଭାଗର ପ୍ରଫେସର ଡ. ରମେଶ ପରୁଆ ମୁଖ୍ୟ ଅତିଥି, କୃଷ୍ଣଚନ୍ଦ୍ର ଭୋଇ ସମ୍ମାନିତ ଅତିଥି, ଅଧ୍ୟାପକ ସୁକୁମାର ଭୋଇ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ନୂଆ ସକାଳ ସାଂସ୍କୃତିକ କୁଟୁମ୍ବର ପତ୍ରିକା ଲୋକାର୍ପଣ କରାଯାଇଥିଲା। ନାଟ୍ୟକାର ରାଜକୁମାର ସାହୁ ସଭାପତିତ୍ୱ କରିଥିବା ବେଳେ ଅଧ୍ୟାପକ ସୁକୁମାର ଭୋଇ ନାଟ୍ୟକଳାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। କବି ପ୍ରଭାତ ସାହୁ, କୈଳାସ କୁମ୍ଭାର, କବିରତ୍ନ କୃଷ୍ଣ ଚନ୍ଦ୍ର ଭୋଇ ସ୍ୱରଚିତ କବିତା ପଠନ କରିଥିଲେ। ସଚେତନ ହେମା ଅନୁଷ୍ଠାନର କୁଳମଣି ପଶାୟତ, ଘନଶ୍ୟାମ ଭୋଇ, ବବୁଲୁ ସାହୁ, ଲାଲସାହେବ ସାହୁ, ହେମନ୍ତ ମହାକୁର, ଘନଶ୍ୟାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡିର ବିଜୟ ଶୋଭାଯାତ୍ରା



ବୌଦ୍ଧରେ ବିଜେଡିର ବିଜୟ ଶୋଭାଯାତ୍ରାରେ ନେତା ଓ କର୍ମୀ।

ବୌଦ୍ଧ,୨୭।୩ (ସ୍ୱ.ପ୍ର.)

ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାଚନରେ ଶାସକ ଦଳ ୧୭ ଗୋଟି ୱାର୍ଡରୁ ୧୫ଟି ଓ ୨ଟି ୱାର୍ଡ ଭାଜପା ଦଖଲ କରିଛି। ୱାର୍ଡ ଦଖଲରେ କଂଗ୍ରେସ ଖାତା ଖୋଲି ପାରିନାହିଁ। କିନ୍ତୁ ଏନଏସି ଅଧକ୍ଷ ପଦବୀ ଦଖଲ ପାଇଁ ଶାସକ ବିଜେଡିକୁ କଡା ଟକ୍କର ଦେବା ସହ ଦ୍ୱିତୀୟ ସ୍ଥାନରେ ରହିଥିଲା। ଜିଲାରେ ପ୍ରମୁଖ ବିରୋଧୀ ଦଳ ଭାଜପା ଏହି ନିର୍ବାଚନରେ ତୃତୀୟ ସ୍ଥାନରେ ରହିଥିଲା । ଶେଷରେ ସମସ୍ତ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ବିଜେଡି ବିଜ୍ଞାପିତ ଅଞ୍ଚଳ ପରିଷଦ ଦଖଲ କରିବାରେ ସଫଳ ହୋଇଥିଲା ।

ଶନିବାର ଅପରାହ୍ନରେ ବିଜେଡି ପକ୍ଷରୁ ବିଜୟ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ସହରର ରାମେଶ୍ୱର ମନ୍ଦିର ଠାରୁ ବାହାରିଥିବା ଏହି ଶୋଭାଯାତ୍ରାରେ ସମସ୍ତ ନିର୍ବାଚିତ କାଉନସିଲର ସମେତ ନିର୍ବାଚିତ ସରପଞ୍ଚ, ସମିତିସଭ୍ୟ, ଜିଲାପରିଷଦ ଅଧକ୍ଷ ଓ ଉପାଧକ୍ଷ ସାମିଲ ହୋଇଥିଲେ। ଏଥିରେ ବିଧାୟକ ପ୍ରଦୀପ କୁମାର ଅମାତ, ଜିଲାପରିଷଦ ଅଧକ୍ଷ ପ୍ରଭାସିନୀ ଦାସ, ଉପାଧକ୍ଷ ଶଙ୍କର୍ଷଣ ପ୍ରଧାନ, ତାରେଣୀ ମହାପାତ୍ର, ଗିରିଜା ଶଙ୍କର ପାଢ଼ୀ, ଅଶୋକ କୁମାର ସାହୁ ପ୍ରମୁଖ ସାମିଲ ହୋଇଥିଲେ।

# ସଂସ୍କୃତ ଉଚ୍ଚାରଣ କେନ୍ଦ୍ର ଉଦ୍‌ଘାଟିତ

ବରଗଡ଼ ଅଫିସ୍,୨୭।୩

ସଂସ୍କୃତ ଭାଷାର ସୁରକ୍ଷା ପାଇଁ ବରଗଡ଼ ଜିଲା ଭଟଲି ଦଧିବାମନ କ୍ଷେତ୍ରରେ ମୁକ୍ତି ମଣ୍ଡପ ପଣ୍ଡିତ ମହାସଭା ଏବଂ ସଂସ୍କୃତ ଭାରତୀ ଆନୁକୂଲ୍ୟରେ ରବିବାର ସଂସ୍କୃତ ଶ୍ଳୋକ ଉଚ୍ଚାରଣ କେନ୍ଦ୍ର ଉଦ୍‌ଘାଟିତ ହୋଇଛି । ମୁକ୍ତି ମଣ୍ଡପ ପଣ୍ଡିତ ମହାସଭା ଉପସଭାପତି ଆୟୁଷ୍ମାନ୍ତ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ସଂସ୍କୃତ ଭାରତୀ ଉତ୍କଳ ପ୍ରାନ୍ତ ସମ୍ପାଦକ ଅଧ୍ୟାପକ ଅଜିତ କୁମାର ପଣ୍ଡା, ରାଜ୍ୟ ଉତ୍କଳ ସଂସ୍କୃତ ଶିକ୍ଷକ ସଂଘ ଯୁଗ୍ମ ସମ୍ପାଦକ ପଣ୍ଡିତ ଗୋପବନ୍ଧୁ ପୁରୋହିତ, ଅଧ୍ୟାପକ ହରିଶ୍ଚନ୍ଦ୍ର ହୋତା ପ୍ରମୁଖ ଅତିଥିଭାବେ ଯୋଗଦେଇ ଉକ୍ତ ଶ୍ଳୋକ ଉଚ୍ଚାରଣ କେନ୍ଦ୍ର ଆଗାମୀ ଦିନରେ ସାରା ଭାରତବର୍ଷକୁ ଦିଗ୍‌ଦର୍ଶନ ଦେବ ବୋଲି ଉଲ୍ଲେଖ କରିଥିଲେ। ଏହି କେନ୍ଦ୍ର ସଂସ୍କୃତ ଭାଷା ସୁରକ୍ଷା କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ଅତିଥିବୃନ୍ଦ ଉଲ୍ଲେଖ କରିଥିଲେ। ପଣ୍ଡିତ ଶେଷଦେବ ମିଶ୍ର କେନ୍ଦ୍ରର ପ୍ରଶିକ୍ଷକ ଭାବେ ଯୋଗଦେଇ ଶ୍ଳୋକ ଉଚ୍ଚାରଣ ଅଭ୍ୟାସ କରାଇଥିଲେ। ପଣ୍ଡିତ ରତ୍ନାକର ଦେବତା ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ମୁକ୍ତି ମଣ୍ଡପ ପଣ୍ଡିତ ମହାସଭାର ଯୁଗ୍ମ ସମ୍ପାଦକ ପଣ୍ଡିତ ଗୌରଚନ୍ଦ୍ର ରଥ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ସଦସ୍ୟ ଗୋପବନ୍ଧୁ ଦାସ, କଳାନିଧି ତ୍ରିପାଠୀ, ଗୋକୁଳେଶ୍ୱର ରଥ, ସୁବାଷ ରଥ, ସୁନୀଲ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଶ୍ଳୋକ ଉଚ୍ଚାରଣ କେନ୍ଦ୍ରରେ ସପ୍ତାହକୁ ଥରେ ମାଗଣାରେ ଏକ ଘଣ୍ଟା ଉଚ୍ଚାରଣ ଅଭ୍ୟାସର ସୁଯୋଗ ପ୍ରଦାନ କରାଯିବ ବୋଲି କେନ୍ଦ୍ର ପରିଚାଳକ ଆୟୁଷ୍ମାନ୍ତ ଷଡ଼ଙ୍ଗୀ ସୂଚନା ପ୍ରଦାନ କରିଛନ୍ତି।




ଉଦ୍‌ଘାଟନୀ ଅବସରରେ ଶ୍ଳୋକ ଉଚ୍ଚାରଣ କରାଯାଉଛି।

## ଧର୍ମଘଟ ଅବ୍ୟବହିତ ପୂର୍ବରୁ ବିକ୍ଷୋଭ ପ୍ରଦର୍ଶନ

ବଲାଙ୍ଗୀର ଅଫିସ,୨୭।୩

ଜିଲା ୟୁନାଇଟେଡ୍ ଟ୍ରେଡ ୟୁନିଅନ ଅଫ୍ ବଲାଙ୍ଗୀରର ଅଧକ୍ଷ ବିଭୁଦତ୍ତ ମିଶ୍ରଙ୍କ ନେତୃତ୍ୱରେ ମାର୍ଚ୍ଚ ୨୮ ଓ ୨୯ ଅନୁଷ୍ଠିତ ହେବାକୁ ଥିବା ଦୁଇଦିନିଆ ଧର୍ମଘଟକୁ ସମର୍ଥନ କରାଯାଇଛି। କେନ୍ଦ୍ରିୟ ଶ୍ରମିକ ମିଳିତ ମଞ୍ଚର ଡାକରାରେ ହେବାକୁ ଥିବା ଦୁଇଦିନିଆ ଧର୍ମଘଟକୁ ବଲାଙ୍ଗୀର ଜିଲାରେ ସଫଳ କରିବା ରବିବାର ସନ୍ଧ୍ୟାରେ ଭାଗିରଥି ଛକରେ ବିକ୍ଷୋଭ ପ୍ରଦର୍ଶନ ସହ ଏକ ବାଇକ ରାଲି ସହର ପରିକ୍ରମା କରିଥିଲା। ଏହି ଧର୍ମଘଟକୁ ବିଭିନ୍ନ ଶ୍ରମିକ ସଙ୍ଗଠନ ଓ କୃଷକ ସଙ୍ଗଠନମାନେ ସମର୍ଥନ କରିଛନ୍ତି। ନିଷ୍ପତ୍ତି ଅନୁସାରେ ସୋମବାର ସମସ୍ତ ସରକାରୀ ଅଫିସ, ଦୋକାନ ବଜାର, ଗାଡିମୋଟର ଚଳାଚଳ ବନ୍ଦ ରହିବ ବୋଲି କୁହାଯାଇଛି। ଭାରତ ସରକାରଙ୍କ ଭୁଲ ଅର୍ଥନୀତି ଓ ବିମୁଦ୍ରୀକରଣ ଯୋଗୁ ସମ୍ପୂର୍ଣ୍ଣ ଅର୍ଥନୀତି ଭୁଶୁଡି ପଡିଛି। କର୍ମନିଯୁକ୍ତି ସୃଷ୍ଟି କରିବାରେ ସରକାର ବିଫଳ ହୋଇଥିବା ଦର୍ଶାଇ ସର୍ବଭାରତୀୟ ସ୍ତରରେ ଧର୍ମଘଟ ଡକାଯାଇଛି।

## ସୁମନ ଷଡ଼ଙ୍ଗୀଙ୍କୁ ବାସ୍ତୁରତ୍ନ ସମ୍ମାନ




ଆର୍କିଟେକଚର ସୁମନ ଷଡଙ୍ଗୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବୌଦ୍ଧ,୨୭।୩(ସ୍ୱ.ପ୍ର.)

ଭୁବନେଶ୍ୱରର ଭୃଗୁ ଜ୍ୟୋତିଷ ସଂସ୍ଥାନ ପକ୍ଷରୁ ଆୟୋଜିତ ୧୪ତମ ଏସିଆନ ଆଷ୍ଟ୍ରୋଲଜର କନଫରେନ୍ସ ୨୦୨୨ ଅବସରରେ ବୌଦ୍ଧର ସ୍ଥପତି ସୁମନ ଷଡଙ୍ଗୀଙ୍କୁ ବାସ୍ତୁ ରତ୍ନ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଆୟୋଜିତ ସେମିନାରରେ ସୁଶ୍ରୀ ଷଡଙ୍ଗୀ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ପ୍ରବନ୍ଧ ଲିଖନରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ସଫଳତା ପାଇଁ ସୁମନଙ୍କୁ ସଂସ୍ଥା ପକ୍ଷରୁ ବାସ୍ତୁ ରତ୍ନ ସମ୍ମାନ ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ସଫଳତା ନେଇ ଜିଲାପାଳ ଲଲାଟେନ୍ଦୁ ମିଶ୍ର ଓ ଶୁଭେଚ୍ଛୁ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ନାଟକ ଉତ୍ତମ ମଣିଷ ତିଆରି କରେ

ସୋନପୁର,୨୭।୩(ନି. ପ୍ର )

କଳକାରମାନେ ଏକଜୁଟ ହୋଇ କଳା ମାଧ୍ୟମରେ କିପରି ମନୁଷ୍ୟ ହୃଦୟରୁ ହିଂସା, ଅଶାନ୍ତି, ଗର୍ବ, ଅହଙ୍କାର ଦୂର କରି ସ୍ନେହ, ପ୍ରେମ, ଧୈର୍ଯ୍ୟ ଓ ସହନଶୀଳତାକୁ ଜାଗ୍ରତ କରାଯାଇପାରିବ ସେ ଦିଗରେ ଯତ୍ନବାନ ହେବା ଉଚିତ। ଏହି ବାର୍ତ୍ତା ସହ ବିଶ ନାଟ୍ୟ ଦିବସ ଅବସରରେ ନାଟକ, ସାହିତ୍ୟ ଓ ସମାଜସେବା ପାଇଁ ସମର୍ପିତ ସୁବର୍ଣ୍ଣପୁରର ଅନୁଷ୍ଠାନ ନୋଡାଲ ଆସୋସିଏଶନ ଫର୍ ଏମେଚ୍ୟୋର୍ ଥିଏଟର ବା ନାଟ ତରଫରୁ ଏକ ଆଲୋଚନା ଚକ୍ର ମହାନଦୀ ସାହିତ୍ୟ ସଂସଦର ରିହରସେଲ ହଲରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ବରିଷ୍ଠ କଳାକାରମାନେ ଆଲୋଚନାରେ ଭାଗନେଇ ନାଟକ ଉତ୍ତମ ମଣିଷ ତିଆରି କରେ ବୋଲି ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ତଥା ନାଟ୍ୟକାର ଓ ନିର୍ଦ୍ଦେଶକ ପ୍ରଦ୍ୟୁମ୍ନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରକୁ ସଂସ୍କୃତି ସମ୍ପାଦକ ଅଭିନେତା ଅବିନାଶ ହୋତା ସଂଯୋଜନା କରିଥିଲେ। ସାଧାରଣ ସମ୍ପାଦକ ବନମାଳି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅଭିନେତ୍ରୀ ମୁନିଆଁ ପାଣିଗ୍ରାହୀ ଏବଂ ସୌମ୍ୟକାନ୍ତ ମିଶ୍ର ଏକକ ଅଭିନୟ ପ୍ରଦର୍ଶନ କରିଥିଲେ।



ଆଲୋଚନା ଚକ୍ରରେ ଉପସ୍ଥିତ କର୍ମକର୍ତ୍ତା ଓ କଳାକାର ବୃନ୍ଦ।

# ସ୍ୱାଧୀନତା ସଂଗ୍ରାମରେ ବରଗଡ଼ର ଅବଦାନ ଅତୁଳନୀୟ

ବରଗଡ଼ ଅଫିସ୍,୨୭।୩

ବରଗଡ଼ ହେଉଛି କଳା, ସାହିତ୍ୟ, ସଂସ୍କୃତି ଏବଂ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରଧାନପୀଠ। ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ବରଗଡ଼ ତଥା ଏ ଅଞ୍ଚଳର ଅବଦାନ ଅତୁଳନୀୟ ବୋଲି ବରଗଡ଼ର ବିକାଶ ଅଡ଼ିଟୋରିୟମରେ ରବିବାର ଅନୁଷ୍ଠିତ ଆଜାଦୀ କା ଅମୃତ ମହୋତ୍ସବ-୨୦୨୨ ପାଳନ ଅବସରରେ ବକ୍ତାମାନେ ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରଗଡ଼ ବିକାଶ ଗ୍ରୁପ୍ ଅଫ ଇନଷ୍ଟିଚ୍ୟୁଶନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡି. ନାଗେଶ୍ୱର ରାଓ ମୁଖ୍ୟଅତିଥି ଭାବେ ଯୋଗଦେଇ ନିଃସ୍ୱାର୍ଥପର ସେବା ହିଁ ଜୀବନର ଶ୍ରେଷ୍ଠ ସମ୍ପଦ ବୋଲି ମତବ୍ୟକ୍ତ କରିଥିଲେ। ହାଇଦ୍ରାବାଦ ସ୍ଥିତ କାଉନସିଲ ଫର୍ ସୋସିଆଲ ଡେଭଲପ୍‌ମେଣ୍ଟର ରିଜିଓନାଲ ଡାଇରେକ୍ଟର ଡଃ ସୁଜିତ କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମାଜିକ ସ୍ଥିତିକୁ ସୁଦୃଢ଼ କରିବା ହିଁ ରାଷ୍ଟ୍ରକାର୍ଯ୍ୟ ବୋଲି ମତପ୍ରକାଶ କରିଥିଲେ। ଶିକ୍ଷାବିତ୍ ଡଃ ସୁଜିତ କୁମାର ପୃଷ୍ଟେଠ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବୀର ସୁରେନ୍ଦ୍ର ସାଏ, ରାଣୀ ଲକ୍ଷ୍ମୀବାଈ, ମହାତ୍ମାଗାନ୍ଧୀଙ୍କ ଲୁକ୍କାୟିତ ଜୀବନର ଦିଗକୁ ଉପସ୍ଥାପନା କରିବା ସହିତ ଗବେଷଣା ମାଧ୍ୟମରେ ସ୍ୱାଧୀନତା ସଂଗ୍ରାମର ନୂତନ ତଥ୍ୟକୁ ସର୍ବସମ୍ମୁଖକୁ ଆଣିବା ଜାତୀୟ କର୍ତ୍ତବ୍ୟ ବୋଲି କହିଥିଲେ। ସ୍ଥାନୀୟ କଳା, ସଂସ୍କୃତି, ପରମ୍ପରା, ଇତିହାସ, ଐତିହ୍ୟ ତଥା ସାହିତ୍ୟକୁ ଖୋଜିବା ହିଁ ଜୀବନର ପ୍ରକୃତ ଉଦ୍ଦେଶ୍ୟ ବୋଲି ବିକାଶ ଗ୍ରୁପ୍‌ର ନିର୍ଦ୍ଦେଶକ ଡଃ ସମରେନ୍ଦ୍ର ନାଥ ପଣ୍ଡା କହିଥିଲେ।

ଏହି ସଭାରେ ସ୍ୱାଧୀନତା ସଂଗ୍ରାମୀ ମାଧୋ ସିଂଙ୍କ ଦାୟାଦ ରାଜମାତା ମମତା ସିଂହ ବରିହା, ସ୍ୱାଧୀନତା ସଂଗ୍ରାମୀ ହୃଷୀକେଶ ନାୟକଙ୍କ ଦାୟାଦ ଶୁଭ୍ରାକାନ୍ତି ନାୟକ, ସ୍ୱାଧୀନତା ସଂଗ୍ରାମୀ ଫୁଲଶର ପ୍ରଧାନଙ୍କ ଦାୟାଦ ଦେଶବନ୍ଧୁ ପ୍ରଧାନ, ସ୍ୱାଧୀନତା ସଂଗ୍ରାମୀ କମଳ ସିଂହଦେଓଙ୍କ ଦାୟାଦ ପ୍ରଦୀପ କୁମାର ସିଂହଦେଓ, ନୃତ୍ୟଗୁରୁ ଶଙ୍କର ପଟ୍ଟନାୟକ, ଭାଗବତ ପ୍ରଧାନ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱୟଂସିଦ୍ଧା ଫାଉଣ୍ଡେଶନର ଡଃ ସୁଶୀଲ କୁମାର ବାଗ ସଭାପତିତ୍ୱ କରିଥିଲେ। ବିଜେପୁର କଲେଜର ଦିନେଶ ଅଗ୍ରୱାଲା ଏବଂ ବିକାଶ ସ୍କୁଲର ଉପାଧ୍ୟକ୍ଷ ଆର୍‌ଏସ୍‌ଭି କ୍ରୀଷ୍ଣା ସଭାକାର୍ଯ୍ୟ ସଂଯୋଜନା କରିଥିଲେ। କୁମ୍ଭାରୀର ଶ୍ରୀ ଶ୍ରୀ ବ୍ରଜେଶ୍ୱରୀ ନୃତ୍ୟ ସଂସଦ ଏବଂ ନୃତ୍ୟଗୁରୁ ଶଙ୍କର ପଟ୍ଟନାୟକ ଓ ସାଥୀ ନୃତ୍ୟ ପରିବେଷଣ କରିଥିଲେ। ଗାୟକ କୁଳମଣି ଭୋସାଗର ଏବଂ ସାଥୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ବିଜେପୁର କଲେଜର ଅଧ୍ୟାପକ ଡଃ ଚିନ୍ମୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




ବିକାଶ ଅଡ଼ିଟୋରିୟମରେ ଅନୁଷ୍ଠିତ ଆଜାଦୀ କା ଅମୃତ ମହୋତ୍ସବ ପାଳନରେ ମଞ୍ଚାସୀନ ବକ୍ତାମାନେ।

**ଆଜାଦୀ କା ଅମୃତ ମହୋତ୍ସବ**